## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ବଳପୂର୍ବକ ଉଠାଇଦେଲେ



ଅନୁଗୋଳ ଅଫିସ,୧୮।୫- ଅନୁଗୋଳ ସହରର ସୌନ୍ଦର୍ଯ୍ୟକରଣ କରାଯାଇଛି। ରାସ୍ତା ପାର୍ଶ୍ୱରେ ଆଲୋକୀକରଣ ହୋଇଛି। କିନ୍ତୁ ଏହି ସୌନ୍ଦର୍ଯ୍ୟକୁ ଉଠା ବ୍ୟବସାୟୀମାନେ ନଷ୍ଟ କରୁଛନ୍ତି। ଛତୁ, ଫଳ ଓ ଅନ୍ୟ ବ୍ୟବସାୟୀ ସେଠାରେ ଯାବତୀୟ ସାମଗ୍ରୀ ଗଦା କରି ଲାଇଟ୍ ଭାଙ୍ଗୁଛନ୍ତି। ସେହିଭଳି ଜାତୀୟ ରାଜପଥ ପାର୍ଶ୍ୱରେ ପସରା ମେଲାଉଥିବାରୁ ଦୁର୍ଘଟଣା ଆଶଙ୍କା ମଧ ରହିଛି। ତେଣୁ ବୁଧବାର ପୂର୍ବାହ୍ନରେ ପୌର କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟବସାୟୀମାନଙ୍କଠାରୁ ଜରିମାନା ଆଦାୟ କରିବା ସହ ବଳପୂର୍ବକ ଉଠାଇ ଦେଇଥିବା ଦେଖିବାକୁ ମିଳିଛି। ଏଥିସହ ଉକ୍ତ ସ୍ଥାନରେ ଆଉ ପସରା ନ ମେଲାଇବାକୁ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ସହ ଦୁର୍ଘଟଣା ଆଶଙ୍କା ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

### ମାଲବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ



**ଅନୁଗୋଳ ଅଫିସ, ୧୮।୫:** ତାଳଚେରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍‌ରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଟ୍ରେନ୍‌ର ୨ଟି ବଗିରେ ନିଆଁ ଲାଗିଥିଲେ ମଧ ସେଭଳି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ ବୋଲି ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଗ୍ନିକାଣ୍ଡ ଖବରପାଇବା ପରେ ଜିଲା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୀର୍ଘ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ତାଳଚେରରୁ ମାଲବାହୀ ଟ୍ରେନ୍‌ରେ କୋଇଲା ସମ୍ବଲପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ସାନ କେରଜାଙ୍ଗ ରେଲୱେ ଷ୍ଟେଶନ୍ ନିକଟରେ ୨ଟି ବଗିରୁ ଧୂଆଁ ବାହାରୁଥିବା ଜଣାପଡ଼ିବା ପରେ ଟ୍ରେନ୍‌କୁ ସେଠାରେ ଅଟକା ଯାଇଥିଲା। ପରେ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ନେତୃତ୍ୱରେ ରଶ୍ମିରଞ୍ଜନ ଲେଙ୍କା, ସୁକାନ୍ତ ନାଥ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଳ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ପରେ ନିଆଁ ଲିଭା ଯାଇଥିଲା। ଟ୍ରେନ୍ ଲାଇନ୍‌ରେ ଚକା ଘଷି ହୋଇ ବଗିରେ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଧଳ ସୂଚନା ଦେଇଛନ୍ତି।

# ଦୁଃଖ ଦୂରକରୁନି ପିବିଡିଏ

ପାଲଲହଡ଼ା,୧୮।୫(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଥିବା ଆଦିମ ଜନଜାତିଙ୍କ କଲ୍ୟାଣ ଉପରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଦୀର୍ଘ ୩୭ ବର୍ଷ ତଳୁ ପାଉଡି ଭୂୟାଁ ଉନ୍ନୟନ କର୍ତ୍ତୃପକ୍ଷ (ପିବିଡିଏ) ଗଠନ କରାଯାଇ ଏହି ଜନଜାତି ଲୋକଙ୍କ ଜୀବନ ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଆଦିରେ ସୁଧାର ଆଣିବା ଦିଗରେ କାର୍ଯ୍ୟ କରାଯାଉଛି। ହେଲେ ଏବେ ବି ଉପଖଣ୍ଡର ଅନେକ ଅଞ୍ଚଳରେ ଥିବା ଜନଜାତିର ଲୋକଙ୍କ ନିକଟରେ ସରକାରଙ୍କ କଲ୍ୟାଣମୂଳକ ଯୋଜନା ପହଞ୍ଚିପାରି ନାହିଁ। ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ନଗିରା ପଞ୍ଚାୟତର କାଦମ୍ବିନୀପୁର, କୁଲୁଡ଼ିହ ଆଦି ଗ୍ରାମ ଏହାର ଉଦାହରଣ। ଏହି ଦୁଇ ଗାଁକୁ ଯାତାୟାତ ପାଇଁ ନା ଭଲ ରାସ୍ତାଟିଏ ଅଛି ନା ହୋଇଛି ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା। ଫଳରେ ଏଠାକାର ୮୦ ପରିବାର ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାବେଳେ ଦୁଃଖ ଦୂରକରିପାରୁନି ପାଉଡ଼ି ଭୂୟାଁ ଉନ୍ନୟନ କର୍ତ୍ତୃପକ୍ଷ।

ପାଲଲହଡ଼ା ଉପଖଣ୍ଡ ସଦରମହକୁମାଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ରହିଛି ଉପାନ୍ତ ତଥା ଦୁର୍ଗମ ଅଞ୍ଚଳ ନଗିରା ପଞ୍ଚାୟତ। ଏହାର କେତୋଟି ଗାଁ ମଧ୍ୟରୁ କାଦମ୍ବିନୀପୁର ଓ କୁଲୁଡ଼ିହ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ସବୁଦିନିଆ ରାସ୍ତା ଏଠି ସ୍ୱପ୍ନ ପାଲଟିଥିବାବେଳେ ସ୍ୱାସ୍ଥ୍ୟସେବା ପାଇଁ ୨୭ କିଲୋମିଟର ଦୂର ଜମରଡ଼ିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନଚେତ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟ ହିଁ ଭରସା। ଶିକ୍ଷା ବ୍ୟବସ୍ଥା ମଧ ଧର୍ମକୁ ଆଖିଠାର ପରି। ନିଜ ଇଚ୍ଛା ହେଲେ ଶିକ୍ଷକ ସ୍କୁଲକୁ ଆସନ୍ତି। ଏହି କାରଣରୁ ଅଧିକାଂଶ ଦିନ ଏଠାକାର ବିଦ୍ୟାଳୟଗୁଡିକ ବନ୍ଦ ରହିଥାଏ। ଖରା ଦିନେ ଜଳ କଷ୍ଟ ଅଞ୍ଚଳବାସୀଙ୍କ ବଡ଼ ସମସ୍ୟା ପାଲଟିଛି। ବିଶୁଦ୍ଧ ପିଇବା ପାଣି ପାଇଁ ଥିବା ସରକାରୀ ନଳକୂଅ ଅଚଳ ଅବସ୍ଥାରେ ଥିବାରୁ ୩ କିଲୋମିଟର ଦୂର ଝରଣାରେ ଚୁଆ ଖୋଳି ପାଣି ଆଣିବାକୁ ପଡୁଛି। ପଞ୍ଚାୟତ କାର୍ଯ୍ୟାଳୟ ୮ କିଲୋମିଟର ଦୂର ହୋଇଥିବା ବେଳେ ରାସ୍ତା ସମସ୍ୟା ଯୋଗୁ ଭତ୍ତା ଏବଂ ରାଶନ ଆଣିବା କଷ୍ଟସାଧ୍ୟ ହୋଇପଡିଛି। ଅଙ୍ଗନୱାଡି ପୁରୁଣା ଗୃହ ଭାଙ୍ଗି ଯାଇଥିବାବେଳେ କାର୍ଯ୍ୟାଦେଶ ଥାଇ ବି ନୂତନ ନିର୍ମାଣ ଆରମ୍ଭ ହେଇପାରିନି। ସବୁଠାରୁ ବଡ଼ କଥା ହେଲା ଏହି ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ୧୯୮୫ ମସିହାରୁ ରାଜ୍ୟ ସରକାର ପାଉଡି ଭୂୟାଁ ଉନ୍ନୟନ କର୍ତ୍ତୃପକ୍ଷ (ପିବିଡିଏ) ମାଧ୍ୟମରେ ବହୁ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ଏଠାକାର ଆଦିମ ଜନଜାତିଙ୍କ ଜୀବନ ଜୀବିକାରେ ସେପରି ଉଲ୍ଲେଖନୀୟ ପରିବର୍ତ୍ତନ ହୋଇ ନ ଥିବାରୁ ଉକ୍ତ ଅର୍ଥ କେତେଜଣ ସରକାରୀ ବାବୁ, ଠିକାଦାର ଏବଂ ଅଞ୍ଚଳର କିଛି ନେତାଙ୍କ ବ୍ୟକ୍ତିଗତ ବିକାଶରେ ଲାଗିଥିବା ଆଲୋଚନା ହେଉଛି।



- କାଦମ୍ବିନୀପୁର, କୁଲୁଡ଼ିହରେ ନାହିଁ ପାଣି, ରାସ୍ତା ସୁବିଧା
- ଝରଣାରେ ଚୁଆ ଖୋଳି ଲୋକେ ଆଣୁଛନ୍ତି ପାନୀୟ ଜଳ
- ଦୀର୍ଘବର୍ଷ ପରେ ମଧ ୮୦ ପରିବାର ମୌଳିକ ସୁବିଧାରୁ ବଞ୍ଚିତ

**ଚୁଆ ପାଣି ଏକମାତ୍ର ଭରସା**



"ଗାଁରେ ଗୋଟିଏ ନଳକୂଅ ରହିଥିଲେ ହେଁ ତାହା ଅଚଳ ହୋଇପଡ଼ିଛି। ସେଥିପାଇଁ ଗାଁଠାରୁ ୩ କିଲୋମିଟର ଦୂର ଜଙ୍ଗଲ ମଧ୍ୟରେ ଥିବା ଚୁଆରୁ ଦୈନିକ ପାଣି ଆଣିବାକୁ ପଡୁଛି। ଏହା ନ ହେଲେ ରୋଷେଇ ଏବଂ ପିଇବା ପାଇଁ ପାଣି ଟୋପେ ପାଇବୁ ନାହିଁ।

-ଗ୍ରାମବାସୀ

**ଗାଁକୁ ଆମ୍ବୁଲାନ୍ସ ଆସିପାରୁନି**



"ଗାଁକୁ ଭଲ ରାସ୍ତା ନ ଥିବାରୁ ବହୁ ଅସୁବିଧାରେ ପଡୁଛୁ। ଗୁରୁତର ଅସୁସ୍ଥଙ୍କୁ ନେବାକୁ ଆମ୍ବୁଲାନ୍ସ ଆସିପାରୁନି କି ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରୁନୁ। ଗାଁଠାରୁ ୪୫ କିଲୋମିଟର ଦୂର ପାଲଲହଡ଼ା ଉପଖଣ୍ଡକୁ ଚାଲି ଚାଲି କିମ୍ବା ସାଇକେଲରେ ଯାଉଛୁ।

-ଗ୍ରାମବାସୀ

**ବ୍ଲକ ପ୍ରଶାସନ ପ୍ରୟାସ କରୁଛି**



"ସରକାରଙ୍କ ସମସ୍ତ ଯୋଜନା କିଭଳି ଏମାନଙ୍କ ପାଖରେ ପହଞ୍ଚିବ ସେଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରିରହିଛି। ଗାଁରେ ଥିବା ଜଳଉତ୍ସଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାଦିନ ପୂର୍ବରୁ ରାସ୍ତା ମରାମତି ବ୍ୟବସ୍ଥା ହେଉଛି।

-ଦିଲୀପ କୁମାର ବାରା, ବିଡିଓ, ପାଲଲହଡା

**ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ**



ପିଇବା ପାଣି ପାଇଁ ପିବିଡିଏ ପକ୍ଷରୁ ସୋଲାର ଚାଳିତ ପମ୍ପ ବ୍ୟବସ୍ଥା ହୋଇଛି। ଉକ୍ତ ଅଞ୍ଚଳ କେନ୍ଦୁଝର ଜିଲା ସୀମାନ୍ତ ଓ ଏହି ଗ୍ରାମର କିଛି ଅଂଶ କେନ୍ଦୁଝର ଜିଲାରେ ପଡୁଥିବାରୁ ସେଥିପାଇଁ କିଛି ସ୍ଥାୟୀ ନିର୍ମାଣ କରାଯାଇପାରୁନି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ।

- ଅଚ୍ୟୁତାନନ୍ଦ ସିଂ, ସ୍ୱତନ୍ତ୍ର ଅଧିକାରୀ, ପିବିଡିଏ

## ଉଦ୍ୟୋଗୀ ହେବାକୁ ସଚେତନତା

ଅନୁଗୋଳ ଅଫିସ,୧୮।୫

ତାଳଚେର ଦେଉଳବେଡା ମଙ୍ଗଳମଠାରେ ବୁଧବାର ଭାରତ ସରକାରଙ୍କ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ଉଦ୍ୟୋଗୀ ହେବା ପାଇଁ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭାଜପା ରାଜ୍ୟ ସମ୍ପାଦକ ତଥା ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ ଉଦ୍‌ଘାଟନ କରିଥିଲେ।

ଏନ୍‌ଏସଆଇସି ମୁଖ୍ୟ ପ୍ରବନ୍ଧକ ସୁବାଶିଷ ଦାସ ଯୋଗଦେଇ ଉଦ୍ୟୋଗୀ ହେବା ପାଇଁ ତଥା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଲାଗି ଭାରତ ସରକାରଙ୍କ ସମସ୍ତ ଯୋଜନା ଏବଂ ତାହାକୁ କିଭଳି ରୂପାୟନ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ତାଳଚେର ଅଞ୍ଚଳରୁ କିପରି ବହୁ ଶିଳ୍ପୋଦ୍ୟୋଗୀ ବାହାରିପାରିବେ ସେ ସମ୍ପର୍କରେ କର୍ମଶାଳାରେ ବିଶେଷ ଭାବେ ଆଲୋଚନା ହୋଇଥିଲା। କ୍ଷୁଦ୍ର ଶିଳ୍ପ ନିଗମର ଅନେକ ଅଧିକାରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବତୀ ଯୁବକ ଯୋଗ ଦେଇଥିଲେ। ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଡାଇରେକ୍ଟର ସାମଲ ଓ ସମସ୍ତ ଅଧିକାରୀ ତାଳଚେରରେ ବିଭିନ୍ନ କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନ ବୁଲି ଦେଖିଥିଲେ।

## ପୁଣି ୧୦ ଭାଟି ଭଙ୍ଗାଗଲା

କଣିହାଁ,୧୮।୫(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ତହସିଲ ଓ ଜିଲା ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ତରଫରୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ ଜାରି ରହିଛି। ବୁଧବାର ପରାବିଲ ଓ ଶିପୁର ରାଜସ୍ୱ ସର୍କଲ ଅଞ୍ଚଳରେ ଚଢ଼ାଉ କରାଯାଇ ଅର୍କୀଳ ଗ୍ରାମରେ ଥିବା ୮ଟି ଭାଟି, ସୁଲେଇପାଳରେ ଗୋଟିଏ ଓ ସିଳିଂରେ ଗୋଟିଏ ଇଟା ଭାଟି ଭାଙ୍ଗି ଦିଆଯାଇଥିଲା। ଚଢ଼ାଉ ବେଳେ ତହସିଲଦାର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏପରି ଚଢ଼ାଉ ଖବର ଜଣାପଡ଼ିବା ପରେ ଆଖପାଖ ଅଞ୍ଚଳରେ ବହୁ ଇଟାଭାଟିରୁ ଅସାଧୁ ଭାଟି ମାଲିକମାନେ ରାତାରାତି ଇଟା ଅନ୍ୟସ୍ଥାନକୁ ସ୍ଥାନାନ୍ତର କରୁଥିବା ଜଣାପଡିଛି।



ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ଉଚ୍ଛେଦ କରାଯାଉଛି।

## ଉଚିତ ଭଡ଼ା ଦାବିକଲା ଟ୍ରକ୍ ମାଲିକ ସଂଘ

ତାଳଚେର,୧୮।୫(ନି.ପ୍ର.)

ଉଚିତ ଭଡ଼ା ପ୍ରଦାନ ଓ ବେଆଇନ ଚାନ୍ଦା ବନ୍ଦ ଦାବି ନେଇ ତାଳଚେର ଟ୍ରକ୍ ମାଲିକ ସଂଘ ତରଫରୁ ବୁଧବାର ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ତାଳଚେରରୁ କୋଇଲା ପରିବହନ କରୁଥିବା ପରିବହନକାରୀମାନଙ୍କ ସହ ବହୁବାର ଆଲୋଚନା, ପର୍ଯ୍ୟାଲୋଚନା ପରେ ମଧ ଉଚିତ ଭଡ଼ା ଦେଉନାହାନ୍ତି କିମ୍ବା ଭଡ଼ା ଦରକୁ ଚାଲାଣରେ ଲେଖୁନାହାନ୍ତି। ଏତଦ୍‌ବ୍ୟତୀତ ଟିଡିଏସ୍, ଚାଲାଣ ଓ



ଟ୍ରକ୍ ମାଲିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କ୍ୟାଶ୍ ଡିସକାଉଣ୍ଟ କହି ବିଭିନ୍ନ ପ୍ରକାରର ଚାନ୍ଦା ଜବରଦସ୍ତ ଟ୍ରକ୍‌ମାଲିକଙ୍କ ଭଡ଼ାରୁ କାଟି ନେଉଛନ୍ତି। ଭଡ଼ା ପ୍ରଦାନର କୌଣସି ହିସାବ ଦେଉନାହାନ୍ତି। ଏ ନେଇ ସଂଘ ପକ୍ଷରୁ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସୁଫଳ ମିଳିପାରିନାହିଁ। ଏଥିପାଇଁ ଟ୍ରକ୍‌ମାଲିକମାନେ ଟ୍ରକ ଚଳାଇବାକୁ ଅକ୍ଷମ ହେଲେଣି। ଆସନ୍ତା ୨୭ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ କୋଇଲା ପରିବହନ କାର୍ଯ୍ୟରେ ଅସହଯୋଗ କରାଯିବ ବୋଲି ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ସଂଘ ସଭାପତି ଦିଲୀପ କୁମାର ପାଣି, ସାଧାରଣ ସମ୍ପାଦକ ଫିରୋଜ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାରଣାଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ ବହୁ ଟ୍ରକ୍‌ମାଲିକ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଅନୁଗୋଳ ଅଫିସ,୧୮।୫

ଅନୁଗୋଳ ସହରଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ପଞ୍ଚମହଲା (ଆର୍‌ଟିଓ ଅଫିସ) ଠାରୁ ବଇଁରପାଳ ପର୍ଯ୍ୟନ୍ତ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଦାବିରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ବୁଧବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାକ୍ଷାତକରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜାତୀୟ ରାଜପଥ ନିର୍ମାଣ ଓ ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାନେଇ ପ୍ରତିନିଧିମଣ୍ଡଳୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ରାସ୍ତା ନିର୍ମାଣ ଠିକ୍ ପ୍ରକ୍ରିୟାରେ ଚାଲୁ ରହିଛି ଓ ଡାଇଭରସନ୍ କରିବାର ସୁବିଧା ନ ଥିବାରୁ ମରାମତି ଏବଂ ନିର୍ମାଣରେ ବିଳମ୍ବ ହେଉଥିବା ଜିଲାପାଳ ପ୍ରକାଶ କରିଥିଲେ। ଜୁନ୍ ୧୫ ସୁଦ୍ଧା ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରହିଛି ବୋଲି ଜିଲାପାଳ ପ୍ରତିନିଧିମଣ୍ଡଳୀଙ୍କୁ ସୂଚନା ଦେଇଥିଲେ। ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କ ସହିତ ହୋଇଥିବା ଆଲୋଚନା ଏବଂ ରାସ୍ତା ନିର୍ମାଣର ଅଗ୍ରଗତି ସମ୍ପର୍କରେ ଆସନ୍ତା ୨୮ ତାରିଖ ଦିନ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟିର ଏକ ସ୍ୱତନ୍ତ୍ର ବୈଠକ ବସି ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଦିଲୀପ ଦାସ, ତୀର୍ଥବାସୀ ଭୋଇ, ପଠାଣି ବାରିହା, ମାନସ ପାଳ, ପର୍ଶୁରାମ ଦାସ, ହେମନ୍ତ ଦାସ, ଦାମୋଦର ଦାସ, ନିରୋଦ ପାଳ, ରଜତ ରଞ୍ଜନ ଦାସ, ପ୍ରସନ୍ନ ବେହେରା, ଧ୍ରୁବଚରଣ ସାହୁ, ତ୍ରିଲୋଚନ ଜେନା, ଗୋପାଳ ନାଥ, ପ୍ରଦୀପ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।



ଜିଲାପାଳଙ୍କ ସହ ପ୍ରତିନିଧିମଣ୍ଡଳୀ ଆଲୋଚନା କରୁଛନ୍ତି।

## ଆର୍ଟ ଅଫ ଗିଭିଂ ପକ୍ଷରୁ ସାମଗ୍ରୀ ବଣ୍ଟନ

ଅନୁଗୋଳ ଅଫିସ,୧୮।୫

ଅନୁଗୋଳରେ ନବମ ଆର୍ଟ ଅଫ ଗିଭିଂ ଡେ ପାଳିତ ହୋଇଯାଇଛି। ଏହି ଅବସରରେ କେଦାରଗୌରୀ ଦୃଷ୍ଟିହୀନ ଆଶ୍ରମ, ନବଜୀବନ ଆଶ୍ରମ, ବାଜି ରାଉତ ଛାତ୍ରାବାସରେ ଆର୍ଟ ଅଫ ଗିଭିଂ ପକ୍ଷରୁ ଚାଉଳ, ଡାଲି, ବିସ୍କୁଟ, ପେନ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଉପସ୍ଥିତ ରହି ଏହି ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ଡ.ଅଚ୍ୟୁତ ସାମନ୍ତଙ୍କ ବାର୍ତ୍ତା ପଠନ କରାଯାଇଥିଲା। ଉକ୍ତ ବାର୍ତ୍ତାରେ ସାମନ୍ତ କହିଥିଲେ, ଗତ ୨ ବର୍ଷ ହେଲା କଠିନ ସମୟ ଦେଇ ଗତି କରୁଛୁ। କିନ୍ତୁ ଆଶା ହାରିନାହୁଁ। ଭଲ ପାଇବା, ଦୟା, ସହାନୁଭୂତି ଓ କୃତଜ୍ଞତା ଜରିଆରେ ଆମ ପାଖରେ ଅସଂଖ୍ୟ ବାଟ ରହିଛି। ଆଶାକୁ ନେଇ ବଞ୍ଚିବା ଦ୍ୱାରା ସମାଜରେ ଶାନ୍ତି ଓ ଆନନ୍ଦର ବାର୍ତ୍ତା ଦେବା ପାଇଁ ଅନେକ ସୁଯୋଗ ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ଚାରା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ମିଶ୍ର, ଅଭୟ ରାୟ, କୃଷ୍ଣା ଚୌଧୁରୀ, ପ୍ରତାପ ମହାପାତ୍ର, ଗିରିଧାରୀ ସାହୁ, ଅଜୟ ସାହୁ, ଅନାଦି ନାୟକ, ଶିଶିର ସାହୁ, ଚିତ୍ତ ପ୍ରଧାନ,ବିଦ୍ଧୁ ଭୂଷଣ ସାହୁ, ବସନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଅନ୍ତେବାସୀମାନେ।

## ପୌରପାଳିକାକୁ ଚିଠି ଲେଖିଲେ କର୍ତ୍ତୃପକ୍ଷ

ଅନୁଗୋଳ ଅଫିସ,୧୮।୫

**ମୁଖ୍ୟ ଚିକିତ୍ସାଳୟ ଗେଟ୍ ଛାତରୁ ପଲସ୍ତରା ଖସିବା ଘଟଣା**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଫାଟକ ଛାତରୁ ଗତ ରବିବାର ବଡ଼ ଆକାରର ପଲସ୍ତରା ଖସିପଡ଼ିଥିଲା। ଏହି ଘଟଣା ପରେ ଦୁର୍ବଳ ହୋଇଯାଇଥିବା ଉକ୍ତ ଫାଟକରେ ତାଲା ପକାଇ ଦିଆଯାଇଛି। ଏଥିସହ ଘଟଣାର ଅନୁଧ୍ୟାନ କରି ଗେଟ୍ ଉପରୁ ଘର ଉଚ୍ଛେଦ ପାଇଁ ମେଡିକାଲ କର୍ତ୍ତୃପକ୍ଷ ପୌର କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ରୋଗୀଙ୍କ ସହ ସେମାନଙ୍କ ସମ୍ପର୍କୀୟ ଓ ଡାକ୍ତରଖାନା କର୍ମଚାରୀଙ୍କ ପାଇଁ ଏହି ଗେଟ୍ ଛାତ ବିପଦ ସୃଷ୍ଟି କରୁଛି ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ କାଜୁଆଲଟିକୁ ଆସୁଥିବା ରୋଗୀମାନେ ମଧ ପଛପାର୍ଶ୍ୱ ଫାଟକ ଦେଇ ଆସୁଥିବାରୁ ସମସ୍ୟା ହେଉଛି ବୋଲି ଚିଠିରେ ଲେଖାଯାଇଥିବା ସିଡିଏମଓ ଡାକ୍ତର ତ୍ରିଲୋଚନ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ପୌରନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଏହି ଚିଠି ପାଇଥିବା କହିଛନ୍ତି। ଗୁରୁବାର ପୌର ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ। ଏହାପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।



ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ମେଡିକାଲ ମୁଖ୍ୟ ଗେଟ୍।

# ବର୍ଷେ ବିତିବ, ହେଲାନି ବଦଳି ବାତିଲ

ଅନୁଗୋଳ ଅଫିସ, ୧୮।୫

ସରକାରୀ ନିର୍ଦ୍ଦେଶ ପହଞ୍ଚିବାର ୫ ମାସ ପରେ ତାହାକୁ ଉଲ୍ଲଂଘନ କରି ଏନ୍‌ଭିବିଡିସିପି (ନ୍ୟାଶନାଲ ଭେକ୍ଟର ବୋର୍ନ୍ ଡିଜିଜ୍ କଣ୍ଟ୍ରୋଲର ପ୍ରୋଗ୍ରାମ) ମଲ୍ଟି ପରପୋଜ୍ ହେଲ୍‌ଥ ୱାର୍କରଙ୍କ ମଧ୍ୟରୁ କେତେଜଣଙ୍କୁ ବଦଳି କରାଗଲା। ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନର ଏପରି ବେଆଇନ କାର୍ଯ୍ୟକୁ ଇତିମଧ୍ୟରେ ବର୍ଷେ ବିତିଯିବାକୁ ବସିଛି। ହେଲେ ଏଯାଏ ଉକ୍ତ ବଦଳି ବାତିଲ କରାଯାଇ ନାହିଁ। ସରକାରୀ ନିର୍ଦ୍ଦେଶକୁ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏପରି ଭାବେ ବେଖାତିର କରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଏନ୍‌ଭିବିଡିସିପି ମଲ୍ଟି ପ୍ରରପୋଜ୍ ହେଲ୍‌ଥ ୱାର୍କରଙ୍କ ଚାକିରିକୁ ସରକାର ସ୍ଥାୟୀ କରିଥିଲେ। ହେଲେ କେତେକ ଜିଲାରେ ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏହା ଦୃଷ୍ଟି ଗୋଚର ହେବା ପରେ ସରକାରଙ୍କ ପକ୍ଷରୁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଚିଠି କରାଯାଇଥିଲା। ୨୦୨୧ ଜାନୁୟାରୀ ୨୫ରେ ରାଜ୍ୟ ସରକାରଙ୍କ ଚିଠି ନଂ ୨୧୮୫ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା ଯେ, ଠିକାରେ କାର୍ଯ୍ୟ କରୁଥିବା ତାଲିମପ୍ରାପ୍ତ ପାରା ମେଡିକାଲ କର୍ମଚାରୀ ରେଗୁଲାର ହେବା ପରେ କିଛି ଜିଲାରେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉଛି। ଏହି ବଦଳି ଯୋଗୁ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଉଛି। ତେଣୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ହେଉ କିମ୍ବା ଅନ୍ୟ କେଉଁ ସ୍କିମ୍‌ରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ ଯେଉଁଠି ମୂଳ ପଦବୀରେ ରହିଛନ୍ତି ସେମାନଙ୍କୁ ସେଠାରେ ରେଗୁଲାର କରାଯିବ। ଏହି ଚିଠି ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ନିକଟରେ ପହଞ୍ଚିବା ପରେ ଏନ୍‌ଭିବିଡିସିପି ୱିଙ୍ଗର କିରାଣି କିମ୍ବା ଉକ୍ତ ୱିଙ୍ଗ ଦାୟିତ୍ୱରେ ଥିବା ଅଧିକାରୀ ଉକ୍ତ ଫାଇଲ ଡିଲ୍ କରିବା କଥା। କିନ୍ତୁ ନିଜ କ୍ଷମତା ବାହାରକୁ ଯାଇ ମେଡିକାଲରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ସେକ୍ସନ୍ ଅଫିସର ସେହି ଫାଇଲ ଡିଲ୍ କରିଥିଲେ। କେବଳ



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

**ସରକାରୀ ନିର୍ଦ୍ଦେଶକୁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନର ବେଖାତିର**

ଏତିକି ନୁହେଁ, ସମ୍ପୃକ୍ତ ସେକ୍ସନ ଅଫିସର ସରକାରୀ ନିର୍ଦ୍ଦେଶର ଉଲ୍ଲଂଘନ କରି ୨୦୨୧ ଜୁନ୍‌ରେ ରେଗୁଲାର ହୋଇଥିବା ୨୮ ଜଣ ଏନ୍‌ଭିବିଡିସିପି ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ୪/୫ ଜଣଙ୍କୁ ବାଦ୍‌ଦେଇ ଅନ୍ୟମାନଙ୍କୁ ବଦଳି କରିଦେଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦସ୍ତଖତରେ ଚିଠି ନଂ ୧୦୭୫/୪।୬।୨୧ରେ ଏହି ବଦଳି ତାଲିକା ପ୍ରକାଶ କରାଯାଇଥିଲା। ସ୍ୱାସ୍ଥ୍ୟ ପ୍ରଶାସନର ଏପରି ବେଆଇନ କାର୍ଯ୍ୟକୁ ନେଇ ଜିଲାରେ ଅସନ୍ତୋଷ ଦେଖାଦେଇଥିଲା। ଏହାପରେ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ବିଭିନ୍ନ ବିଭାଗର ସେକ୍ସନ ଅଫିସରଙ୍କଠାରୁ ଆରମ୍ଭକରି ସିନିୟର ଆସିଷ୍ଟାଣ୍ଟ ଓ ଜୁନିୟର ଆସିଷ୍ଟାଣ୍ଟ ଏପରି ୧୧ ଜଣଙ୍କୁ ଅଲଗା ଅଲଗା ଫାଇଲ ଡିଲ୍ କରିବା ପାଇଁ ଚିଠି ନଂ. ୨୩୫୨/୨୮।୧୦।୨୧ରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ଖୋଦ୍ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଏହାକୁ ପାଳନ କରାଯାଇ ନାହିଁ। ଏଠାରେ କାର୍ଯ୍ୟରତ ସେକ୍ସନ୍ ଅଫିସର ଜଣଙ୍କ ଅଦ୍ୟାବଧି ଉକ୍ତ ଫାଇଲ କ୍ଷମତାପ୍ରାପ୍ତ ଜୁନିୟର ଆସିଷ୍ଟାଣ୍ଟଙ୍କୁ ପ୍ରଦାନ କରୁ ନ ଥିବା ଚର୍ଚ୍ଚାର ବିଷୟ ହେଉଛି। ଏପରି କି ସମ୍ପୃକ୍ତ ସେକ୍ସନ ଅଫିସର ୨୦୧୨ରୁ ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରୁଥିବା ସମୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ବର୍ତ୍ତମାନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହସ୍ତାନ୍ତର ନ କରି ଚାପି ରଖିଥିବା ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଛାଡ଼ିଦେଲେ ଅନ୍ୟମାନଙ୍କର ବଦଳି କରାଯିବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇ ନ ଥିଲା। ତେବେ ବିଭିନ୍ନ ବର୍ଗର କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇ ମୂଳ ସ୍ଥାନରେ କାର୍ଯ୍ୟ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ୨ ଫେରାର ମହିଳା ଅଭିଯୁକ୍ତ ଗିରଫ

ପଦ୍ମପୁର, ୧୮।୫ (ଡି.ଏନ.ଏ.): ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ୨ ଫେରାର ମହିଳା ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସାହାଡ଼ା ଗ୍ରାମର ଶାନ୍ତିଲତା ଜେନା ଓ ଇଚ୍ଛାପୁର ଗ୍ରାମର ରଜନୀ ଜେନା। ସେମାନଙ୍କ ନାମରେ ମାମଲା (ନଂ.୧୬୭୭/୧୦) ଥିଲା।

### ଦ୍ୱାରଶୁଣୀ ଘାଟିରେ ଖସିଲା ଟ୍ରକ୍, ୨ ଗୁରୁତର

ବାଙ୍ଗିରିପୋଷି,୧୮।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ବୁଧବାର ଏକ ଆଇରନ ପ୍ଲେଟ ବୋଝେଇ ଟ୍ରକ ଘାଟି ତଳକୁ ଓହ୍ଲାଉଥିବା ବେଳେ ୩୦ ଫୁଟ ପାହାଡ଼ ତଳକୁ ଖସି ୨ଜଣ ଗୁରୁତର ହୋଇଛନ୍ତି। ଟ୍ରକ୍‌ରେ ଥିବା ଚାଳକ ଓ ଖଲାସି ଚାପି ହୋଇ ରହିଯାଇଥିଲେ। ବାଙ୍ଗିରିପୋଷି ଦମକଲବାହିନୀ ଘଟଣା ସ୍ଥଳରେ ପହଞ୍ଚି ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଚେଷ୍ଟା ପରେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ସେମାନଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଙ୍ଗିରିପୋଷି ପୋଲିସ ପହଞ୍ଚି ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସମାଜସେବା ପାଇଁ ସାଗରିକା ପୁରସ୍କୃତ

ହାଟଡିହୀ,୧୮।୫(ଡି.ଏନ.ଏ.): ସର୍ବଭାରତୀୟ ଦୁର୍ନୀତି ନିବାରଣ ସଂସଦୀୟ କମିଟି ନୂଆଦିଲ୍ଲୀ ଆନୁକୂଲ୍ୟରେ ସଂସଦ ସଦନ କ୍ଲବରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟର ଅଧକ୍ଷା ଚଳିତବର୍ଷ ପାଇଁ ମର୍ଯ୍ୟାଦା ଜନକ 'ପ୍ରାଉଡ ଇଣ୍ଡିଆନ ପାର୍ଲାମେଣ୍ଟ ଆୱାର୍ଡ'ରେ ସମ୍ମାନିତ ହୋଇଛନ୍ତି। ସମାଜସେବା ଓ ରାଜ୍ୟରେ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାମାଜିକ ସଂସ୍କାରମୂଳକ ପଦକ୍ଷେପ ପାଇଁ ସୁରେଶ୍ୱରୀ ସାଗରିକା ଜେନାଙ୍କୁ ଚଳିତ ବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଠାବାଲେ, ଏମ୍‌ପି ଡ.ଉମେଶ ଯାଦବ, ଭାରତୀୟ ବାୟୁସେନାର ପୂର୍ବତନ ସୁରକ୍ଷା ଅଧିକାରୀ ତୁଳିକା ରାଣୀ, ସାମାଜିକ ନ୍ୟାୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ମନୀଷ ଶଙ୍କର ରାଓ ଗବାଇଙ୍କ ସମେତ ଦୁର୍ନୀତି ବିଭାଗର ବହୁ ପଦାଧିକାରୀ ମାନେ ଯୋଗ ଦେଇଥିଲେ ।

### ବିଦ୍ୟାଳୟ ପାଚେରି ପାର୍ଶ୍ୱରୁ ଗଳିତ ମୃତଦେହ ଜବତ

ରାଇରଙ୍ଗପୁର, ୧୮।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଦୁବୁଲାବେଡ଼ା ଗ୍ରାମ ବିକାଶନଗର ବସ୍ତୀ ଅଞ୍ଚଳ ସ୍ଥିତ ହେମନାରାୟଣ ଉଚ୍ଚ ବିଦ୍ୟାଳୟ ପାଚେରି ପାର୍ଶ୍ୱ ଘଞ୍ଚ ବୁଦାରୁ ଜଣେ ଅଜଣା ମହିଳାଙ୍କ ଗଳିତ ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ତଦନ୍ତ ଜାରି ରଖିଛି।

# ୪ ସପ୍ତାହରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

- ଜିଏମ୍ ଆଇରନ୍ ଏବଂ ଷ୍ଟିଲ୍ କମ୍ପାନୀ ପ୍ରଦୂଷଣ ମାମଲା
- ଜୁଲାଇ ୪ରେ ହେବ ପରବର୍ତ୍ତୀ ଶୁଣାଣି

ପରଜଙ୍ଗ, ୧୮।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅନ୍ତର୍ଗତ କୁଲେଇସ୍ଥିତ ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ପ୍ଲାଣ୍ଟକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ପକ୍ଷରୁ ଝଟ୍‌କା ଲାଗିଛି। ପ୍ରଦୂଷଣ ଏବଂ ପରିବେଶ ସମ୍ପର୍କିତ ନିୟମ ଉଲ୍ଲଂଘନ କରି କମ୍ପାନୀ ଚାଲିଥିବା ଅଭିଯୋଗ ଆସିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ଏନ୍‌ଜିଟି। ଏହାର ସତ୍ୟାସତ୍ୟ ଅନୁଧ୍ୟାନ କରିବାକୁ ଏକ କମିଟି ଗଠନ କରାଯାଇଥିବାବେଳେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୪ ତାରିଖରେ ହେବ ବୋଲି ଜଣାପଡ଼ିଛି।

ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ପ୍ଲାଣ୍ଟକୁ ପୂର୍ବରୁ ରାଣା ସ୍ପଞ୍ଜ ନାମକ ଏକ ଘରୋଇ ସଂସ୍ଥା ଚଳାଉଥିଲା। ତେବେ ପ୍ରଦୂଷଣ ମାତ୍ରା ବଢ଼ିବା ପରେ ଜନଅସନ୍ତୋଷ ତେଜିବାରୁ ୨୦୧୨ରେ କାରଖାନା ବନ୍ଦ ହୋଇଯାଇଥିଲା। ଏହାପରେ ୨୦୨୦ରେ ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍



ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କମ୍ପାନୀ।

ଏହାର ପରିଚାଳନା କରୁଛି। ତେବେ କମ୍ପାନୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ତ୍ତକୁ ଉଲ୍ଲଂଘନ କରୁଛି। ମାତ୍ରାଧିକ ପ୍ରଦୂଷଣରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ନେଇ ଅଭିଯୋଗ ହୋଇଥିଲା। ସ୍ଥାନୀୟ ବାସିନ୍ଦା ଏହାର ପ୍ରତିକାର କରିବା ଲାଗି ଜନପ୍ରତିନିଧି, ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଗେଙ୍ଗୁଟିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀମାନ୍ତ ଜେନା ଏବଂ ସାମାଜିକ କର୍ମୀ ଶାନ୍ତନୁ କୁମାର ଭୁକ୍ତା ଗତ ୨୦୨୨ ମାର୍ଚ୍ଚ ୨୯ରେ କମ୍ପାନୀ ବିରୋଧରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ।

ଆବେଦନକାରୀ ଅଭିଯୋଗରେ ଦର୍ଶାଇଥିଲେ, କମ୍ପାନୀ ପାଖାପାଖି ୯ ଏକର ଜଙ୍ଗଲ ଜମି ଦଖଲ କରି ରଖିଛି। କାରଖାନାରୁ ନିର୍ଗତ ପ୍ରଦୂଷିତ ଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପ୍ଲାଣ୍ଟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ଅଣଦେଖା କରି ଚାଲିଛନ୍ତି।

ଗତ ମେ' ୧୦ରେ ଏନ୍‌ଜିଟିରେ ଏହି ମାମଲାର ଶୁଣାଣି ହୋଇଥିଲା। ବିଚାରପତି ଜଷ୍ଟିସ ବି. ଅମିତ ସ୍ଥାଲେକର, ଜଷ୍ଟିସ୍ ସାଇବାଲ ଦାସଗୁପ୍ତା ଏହାର ଶୁଣାଣି କରି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡ, ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଢେଙ୍କାନାଳ ଜିଲାପାଳ, ଜିଲା ବନଖଣ୍ଡ ଅଧିକାରୀଙ୍କୁ ସାମିଲ କରାଯାଇଛି। ଉକ୍ତ କମିଟି କାରଖାନା ସ୍ଥାପିତ ଅଞ୍ଚଳ ପରିଦର୍ଶନ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବେ ବୋଲି ଏନ୍‌ଜିଟିଙ୍କ ନିର୍ଦ୍ଦେଶ ରହିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲାର ପରିଚାଳନା କରୁଛନ୍ତି।

# ଚନ୍ଦନଯାତ୍ରା ପାଇଁ ସମୀକ୍ଷା


ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

ବଇଣ୍ଡା,୧୮।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ୨୧ ତାରିଖରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ବୁଧବାର ପୋଲିସ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ସମୀକ୍ଷା କରାଯାଇଛି। ଡିଏସ୍‌ପି ସମ୍ପଦ କୁମାର ଦାସ, ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ହଣ୍ଡପା ଆଇଆଇସି ପ୍ରଦୀପ ପ୍ରଧାନ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ପ୍ରମୁଖ ସ୍ଥାନ ପରିଦର୍ଶନ କରି ବଇଣ୍ଡା ଯାତ୍ରା ପଡ଼ିଆ, ସାଂସ୍କୃତିକ କାର୍ଯ୍ୟକ୍ରମସ୍ଥଳ, ବିଭିନ୍ନ ବାଇପାସ୍ ସ୍ଥାନ, ଛକର ଟ୍ରାଫିକ୍ ପରିଚାଳନା ଉପରେ ସମୀକ୍ଷା କରିଥିଲେ। ସେହିପରି ଅସ୍ଥାୟୀ ଫାଣ୍ଡି ସ୍ଥାପନ ଏବଂ ଅଗ୍ନିଶମ ବିଭାଗର ରହିବା ସ୍ଥଳ ଯାଞ୍ଚ କରିଥିଲେ। ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ଚନ୍ଦନ ଯାତ୍ରା କିଭଳି ସୁରୁଖୁରୁରେ ହେବ ସେ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି ସଭାପତି ପ୍ରତାପ ପ୍ରଧାନ, ଉପସଭାପତି ପରିକ୍ଷିତ ସାହୁ, ପ୍ରାଣବନ୍ଧୁ ବେହେରା, ଘନଶ୍ୟାମ ବେହେରାଙ୍କ ସମେତ ଯାତ୍ରା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମହିଳାଙ୍କୁ ପିଆଇଲେ ଘୋଡ଼ା ପରିସ୍ରା

**ଗୁଣିଗାରେଡ଼ି ସନ୍ଦେହ**
- ସାମାଜିକ ବାସନ୍ଦ, ହତ୍ୟା ଧମକ
- ୨୮ ଜଣଙ୍କ ବିରୋଧରେ ଏତଲା

ଢେଙ୍କାନାଳ ଅଫିସ୍/ସାତମାଇଲ (ଡି.ଏନ୍.ଏ.), ୧୮।୫

ଗ୍ରାମର କେତେଜଣ ମହିଳାଙ୍କ ପାଖରେ ଦେଖିବାକୁ ମିଳିଥିଲା ଅସ୍ୱାଭାବିକ ଆଚରଣ। ଏହାପରେ ଗାଁ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଗୁଣିଗାରେଡ଼ି ସନ୍ଦେହ। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣେ ମହିଳା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ସର୍ବସମ୍ମୁଖରେ ଦିଆଯାଇଛି ଅକଥନୀୟ ନିର୍ଯାତନା। ଏମିତି କି ସେମାନଙ୍କୁ ଜୋରଦବରଦସ୍ତ ଘୋଡ଼ା ପରିସ୍ରା ପିଇବାକୁ ବାଧ୍ୟ କରାଯାଇଛି। ମାନବିକତାକୁ ଲଜ୍ଜିତ କରିବା ଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ। ଗତ ୧୫ ତାରିଖରେ ଏହି ଘଟଣା ଘଟିଥିବାବେଳେ ପୀଡ଼ିତା ୧୭ ତାରିଖରେ ଏ ସଂକ୍ରାନ୍ତରେ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ କରିଛନ୍ତି। ନିର୍ଯାତନାରେ ସମ୍ପୃକ୍ତ ଥିବା ୨୮ଜଣଙ୍କ ନାମରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, କିଛିଦିନ ହେଲା ଗୋପାଳପୁର ଗ୍ରାମର କେତେଜଣ ମହିଳା ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରୁଥିଲେ। ସେମାନଙ୍କୁ ଭୂତ ଲାଗୁଥିବା ଏବଂ ଗ୍ରାମର କୌଣସି ବ୍ୟକ୍ତି ଗୁଣିଗାରେଡ଼ି କରି ଏଭଳି କାଣ୍ଡ କରୁଥିବା ସନ୍ଦେହ ହୋଇଥିଲା। ଏହାର କାରଣ ଜାଣିବା ଲାଗି ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ୧୫ ତାରିଖ ସକାଳେ ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଥିଲା। କାଳିଶି ଲାଗିବା ପରେ ଏଭଳି ଘଟଣାରେ ସମ୍ପୃକ୍ତ ମହିଳାଙ୍କ ସମ୍ପୃକ୍ତି ଥିବା ସେ ଇଙ୍ଗିତ କରିଥିଲେ। ଉକ୍ତ ଦିନ ସନ୍ଧ୍ୟାରେ ମହିଳା, ତାଙ୍କ ସ୍ୱାମୀ ଏବଂ ପୁଅଙ୍କୁ ଘରୁ ଘୋଷାରି ଆଣି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମରାଯାଇଥିଲା। ଅର୍ଦ୍ଧନଗ୍ନ କରି ନିର୍ଯାତନା ଦେବା ସହ ଘୋଡ଼ା ପରିସ୍ରା ପାଟିରେ ଭର୍ତ୍ତି କରାଯାଇଥିଲା। ଘଟଣା ସାର୍ବଜନୀନ କଲେ ନିଆଁପାଣି ବାସନ୍ଦ ସାଙ୍ଗକୁ ହତ୍ୟା କରିବାକୁ ଧମକ ମଧ୍ୟ ଦିଆଯାଇଥିଲା। ଘଟଣା ପରେ ଭୟଭୀତ ପରିବାର ପାଟି ବନ୍ଦ କରିଥିବାବେଳେ ୧୭ ତାରିଖରେ ସାହସ ଜୁଟାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ନଂ. ୧୧୫/୨୨ରେ ଏକ ମାମଲା ରୁଜୁ କରାଯାଇଛି। ମହିଳାଙ୍କ ପରିବାରକୁ ନିର୍ଯାତନା ଦେଇଥିବା ୨୮ ଜଣ ଗ୍ରାମବାସୀଙ୍କ ନାମ ଏତଲାରେ ଦର୍ଶାଯାଇଛି। ଏସଂକ୍ରାନ୍ତରେ ଥାନାଧିକାରୀ ନିରଞ୍ଜନ ସେଠୀ କୁହନ୍ତି, ଏଏସ୍‌ଆଇ ବିଭୂତି ଭୂଷଣ ନାୟକଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ମାମଲାର ଅନୁଧ୍ୟାନ କରାଯାଉଛି। କେହି ଗିରଫ ହୋଇ ନ ଥିବା ଥାନାଧିକାରୀ କହିଛନ୍ତି।

# ଅପହୃତ ଟ୍ରକ୍ ଚାଳକ ଉଦ୍ଧାର, ଜଣେ ଗିରଫ

କଣିହାଁ,୧୮।୫(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ଏନ୍‌ଟିପିସି ଆଶ୍‌ପଣ୍ଡ ନିକଟରୁ ମଙ୍ଗଳବାର ଅପହୃତ ହୋଇଥିବା ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପାଟରପଦା ଗ୍ରାମର ସତ୍ୟବ୍ରତ ବିଶ୍ୱାଳଙ୍କୁ ବୁଧବାର କଣିହାଁ ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ସାନତ୍ରିବାଡ଼ା ଗ୍ରାମର ଅଇଁଠୁ ବେହେରାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ମଙ୍ଗଳବାର ରାତିରେ ଏନ୍‌ଟିପିସି ଆଶ୍‌ପଣ୍ଡରୁ ଟ୍ରକ୍ ଯୋଗେ ପାଉଁଶ ଲୋଡ୍ କରି ସତ୍ୟବ୍ରତ ଅନ୍ୟ ସାଥୀମାନଙ୍କୁ ଅପେକ୍ଷା କରିଥିଲେ। ସେହିସମୟରେ କେତେଜଣ ଅଭିଯୁକ୍ତ ୩ଟି ବାଇକ୍‌ରେ ଆସି ତାଙ୍କୁ ମାର୍‌ପିଟ୍ କରିବା ସହ ଅପହରଣ କରିନେଇଥିଲେ। ଏହାପରେ କଣିହାଁ ଥାନା ସାନତ୍ରିବିଡା ଗ୍ରାମର ବିଭୂତି ବେହେରା ଅପହୃତ ଚାଳକଙ୍କ ବାପା ବିନୟ ବିଶ୍ୱାଳଙ୍କୁ ଫୋନ କରି ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ନଚେତ୍ ପୁଅର ମୃତଦେହ ଦେଖିବ ବୋଲି ଧମକ ଦେଇଥିଲେ। ଏ ନେଇ ବିନୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୨୮/୨୨ରେ ଏକ ମାମଲା ରୁଜୁ କରି ବୁଧବାର ସାନତ୍ରିବିଡ଼ା ଜଙ୍ଗଲରୁ ଟ୍ରକ୍ ଚାଳକ ସତ୍ୟବ୍ରତଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

# ହକରଙ୍କୁ ପରିଚୟ ପତ୍ର ପ୍ରଦାନ


ପରିଚୟପତ୍ର ପାଇଥିବା ବିଭିନ୍ନ ଖବରକାଗଜ ସଂସ୍ଥାର ହକରମାନେ।

ଛେଣ୍ଡିପଦା,୧୮।୫(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକରେ କାର୍ଯ୍ୟରତ ଥିବା ଖବରକାଗଜ ହକରଙ୍କୁ ବାବା ଆଖଣ୍ଡଳମଣି ଫଟୋ ବାଇଣ୍ଡିଂ ଆଣ୍ଡ୍ ପେପର ଏଜେନ୍ସି କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ବରିଷ୍ଠ ଖବରକାଗଜ ବିତରକ ନୀଳମଣି ପଣ୍ଡାଙ୍କ ନେତୃତ୍ୱରେ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଖବରକାଗଜ ବିତରକଙ୍କ ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ଉତ୍ସର୍ଗୀକୃତ ସେବା ଅତୁଳନୀୟ ବୋଲି ପଣ୍ଡା ପ୍ରକାଶ କରିଥିଲେ। ଖବରକାଗଜ ବିତରକମାନେ ଖରା, ବର୍ଷା ଏବଂ ଶୀତ ଏପରିକି ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଘର ଘର ବୁଲି ଦେଶ ବିଦେଶର ଖବର ସମ୍ବାଦପତ୍ର ମାଧ୍ୟମରେ ପହଞ୍ଚାଇଥାନ୍ତି ବୋଲି ମଧ୍ୟ ପ୍ରକାଶ କରିଥିଲେ। ହକରମାନଙ୍କ ଏହି ସେବାମୂଳକ କାର୍ଯ୍ୟକୁ ସ୍ୱୀକୃତି ଦେଇ ରାଜ୍ୟ ସରକାର କୋଭିଡ୍ ମହାମାରୀ ସମୟରେ ୬୦୦୦ ଟଙ୍କା ଲେଖାଏ ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଜମା ଖାତାକୁ ଦେବା ସହିତ ସାମାଜିକ ସୁରକ୍ଷା ପାଇଁ ଏବେ ପରିଚୟପତ୍ର ପ୍ରଦାନ କରିଛନ୍ତି।

# ୧୫ ଫୁଟ୍ ତଳକୁ ଖସିଲା କଣ୍ଟେନର

ଛେଣ୍ଡିପଦା,୧୮।୫(ସ୍ୱ.ପ୍ର.)

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ସିଙ୍ଗିଡା ପୋଲ ନିକଟରେ ଏକ କଣ୍ଟେନର ଭାରସାମ୍ୟ ହରାଇ ୧୫ ଫୁଟ ତଳକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ କଣ୍ଟେନର ଚାଳକ ପ୍ରେମଚାନ୍ଦ ଓ ଖଲାସି ବିଜୟ ସିଂ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ଭୁବନେଶ୍ୱରରୁ ସିମେଣ୍ଟ ଖାଲି କରି ଉକ୍ତ କଣ୍ଟେନର ରାଜପଥ ଦେଇ ଝାରସୁଗୁଡା ଅଭିମୁଖେ ଯାଉଥିବାବେଳେ କୁଦପାଳ ନିକଟ ସିଙ୍ଗିଡା



ପୋଲ ନିକଟରେ ଓଲଟି ପଡିଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକ ଓ ଖଲାସିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ କଣ୍ଟେନରକୁ ଜବତ କରି ତଦନ୍ତ ଚଳାଇଛି।

# ଅବକାରୀ ଚଢ଼ାଉ, ୩ ଗିରଫ

ଛେଣ୍ଡିପଦା,୧୮।୫(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଖମାର ଗ୍ରାମ ମାହାର ସାହିରେ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୪୧ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ସେହି ସାହିର ଗୁରୁ ମାହାର, ହେମନ୍ତ ମାହାର ଏବଂ ବିଜୟଲକ୍ଷ୍ମୀ ବେହେରାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଉକ୍ତ ସାହିରେ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି ହେଉଥିବା ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ଛାତ୍ରୀଛାତ୍ର ବୁଲିଲେ ମିଡିଆ ମ୍ୟୁଜିୟମ୍


ମିଡିଆ ମ୍ୟୁଜିୟମ ପରିଦର୍ଶନ ଅବସରରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ ଅଫିସ, ୧୮।୫

ବିଶ୍ୱ ସଂଗ୍ରହାଳୟ ଦିବସ ଅବସରରେ ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରମାନେ ବୁଧବାର ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ମିଡିଆ ମ୍ୟୁଜିୟମ୍ ପରିଦର୍ଶନ କରିଛନ୍ତି। ଚଳିତବର୍ଷ ବିଶ୍ୱ ସଂଗ୍ରହାଳୟ ଦିବସର ଶୀର୍ଷକ ରହିଥିଲା 'ଦି ପାୱାର ଅଫ୍ ମ୍ୟୁଜିୟମ'। ପ୍ରାୟ ୪୫ଜଣ ଛାତ୍ରୀଛାତ୍ର ମ୍ୟୁଜିୟମ ବୁଲି ପୁରୁଣା କ୍ୟାମେରା, ସଂରକ୍ଷିତ କରି ରଖାଯାଇଥିବା ଖବରକାଗଜ ବୁଲି ଦେଖିଥିଲେ। ଏଥିସହ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ହରିକୃଷ୍ଣ ବେହେରା ଗଣମାଧ୍ୟମର ଭୂମିକା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ।

# ନିରାଶ କରିଛି ନୂତନ ଅନୁଦାନ ନୀତି

ଢେଙ୍କାନାଳ ଅଫିସ, ୧୮।୫

ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟସମୂହକୁ ୭ମ ବେତନ କମିଶନ ଆଧାରରେ ପ୍ରାପ୍ୟ ପ୍ରଦାନ ଲାଗି ଅନୁଦାନ ନୀତି-୨୦୨୧ କାର୍ଯ୍ୟକାରୀ ହୋଇଛି। ଏହାକୁ ଲାଗୁ କରିବା ଲାଗି ଗତ ମେ' ୧୫ରେ ପଦ୍ଧତି ନିର୍ଦ୍ଧାରଣ କରାଯାଇଛି। ତେବେ ଏହି ନୂତନ ଅନୁଦାନ ପ୍ରଦାନ ନୀତି ରାଜ୍ୟର ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କୁ ନିରାଶ କରିଥିବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ବୁଧବାର ଢେଙ୍କାନାଳ ଜିଲା ଓଷ୍ଟା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

୭ମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ନୂତନ ବେତନ ନିର୍ଦ୍ଧାରଣ ନିମନ୍ତେ ସ୍ପଷ୍ଟ ନୀତିକୁ ଏଥିରୁ ବାଦ୍ ଦିଆଯାଇଛି। ଭିନ୍ନ ଦରମା ନିର୍ଦ୍ଧାରଣ ପଦ୍ଧତି ଗ୍ରହଣ କରାଯାଇଛି। ଏହା ରାଜ୍ୟର ବହୁ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କ ପଦମର୍ଯ୍ୟାଦାକୁ କ୍ଷତି ପହଞ୍ଚାଇବ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ


ଦାବିପତ୍ର ପ୍ରଦାନ ଅବସରରେ ଜିଲା ଓଷ୍ଟା ସଂଘର କର୍ମକର୍ତ୍ତାମାନେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଷ୍ଟାର ଦାବିପତ୍ର**

ପକ୍ଷରୁ ୨୦୧୭ ଅନୁଦାନ ଆଇନରେ ପର୍ଯ୍ୟବସିତ ବାର୍ଷିକ ଦରମା ବୃଦ୍ଧି ସମ୍ପର୍କିତ ଆଫିଡେଫିଟ୍ ସର୍ବୋଚ୍ଚ ଅଦାଲତରେ ଦାଖଲ କରାଯାଇଥିବାବେଳେ ଏଥିରେ ସ୍ପଷ୍ଟ ଚିତ୍ର ନାହିଁ।

ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପରିବର୍ତ୍ତନ କରି ଅନୁଦାନ ଆଇନ ପୁନଃ ପ୍ରଚଳନ କରାଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ତେବେ ୨୦୨୨ ଜାନୁୟାରୀ ୧ରୁ ସିଧାସଳଖ ୭ମ ବେତନ କମିଶନ ଅନୁଯାୟୀ ପ୍ରାପ୍ୟ ନ ଦେଇ ଉଦ୍ଦେଶ୍ୟମୂଳକ ଭାବେ ଶିକ୍ଷକଙ୍କୁ ନ୍ୟାଯ୍ୟ ବେତନରୁ ବଞ୍ଚିତ କରାଯାଇଛି। ୨୦୨୨ ଜାନୁୟାରୀ ୧ ସୁଦ୍ଧା ୧୦୦% ଅନୁଦାନ ଯୋଗ୍ୟ ଶିକ୍ଷାନୁଷ୍ଠାନକୁ ୭ମ ବେତନ କମିଶନରେ ଅନ୍ତର୍ଭୁକ୍ତ କରିବା, ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୭ମ ବେତନ ନିର୍ଦ୍ଧାରଣ ଆଦି ଅନେକ ବିଷୟ ସରକାର ବିଚାରକୁ ନେଇ ନ ଥିବା ଓଷ୍ଟା କହିଛି। ଏସବୁ ଦାବି ପ୍ରତି ବିଚାର କରିବାକୁ ଓଷ୍ଟା ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୂତି ସାମଲ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, ଓଡ଼ାପଡ଼ା ବ୍ଲକ ସମ୍ପାଦକ ଶଶିକାନ୍ତ ଦାସ, ସଦର ବ୍ଲକ ସମ୍ପାଦକ ଲିଙ୍ଗରାଜ ବେହେରା ପ୍ରମୁଖ ଦାବି କରିଛନ୍ତି।

# ‘ନନ୍ଦ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ’

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

## କୁମ୍‌କି ଅପରେଶନ ମୂଲ୍ୟାୟନ ପାଇଁ କମିଟି ଗଠନ ଦାବି


ମୃତ ହାତୀ ନନ୍ଦ

ଚନ୍ଦକା ବନଖଣ୍ଡରେ କୁମ୍‌କି ପ୍ରଶିକ୍ଷଣ ଭେଳିକି ଦେଖାଇ କୋଟି କୋଟି ଟଙ୍କା ବରବାଦ କରାଯିବା ସହ ପୋଷା ହାତୀ ‘ନନ୍ଦ’କୁ ମାରିଦେବା ଘଟଣାକୁ ସହଜରେ ହଜମ କରି ପାରୁନାହାନ୍ତି ରାଜ୍ୟବାସୀ। ନନ୍ଦର କ୍ୟାମ୍ପ ମ୍ୟାନେଜମେଣ୍ଟ ଠିକ୍ ନ ଥିଲା ବୋଲି ଖୋଦ୍ କୁମ୍‌କି ଅପରେଶନ ସହ ଜଡ଼ିତ ବନ କର୍ମଚାରୀମାନେ ଖୋଲାଖୋଲି କହିବାକୁ ଲାଗିଲେଣି। ଏପରିକି ସୋସିଆଲ ମିଡିଆରେ ଏହି ଘଟଣା ପାଇଁ ଆନିମଲ ରାଇଟ୍ସ କର୍ମୀମାନେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଇସ୍ତଫା ମଧ୍ୟ ଦାବି କଲେଣି। ତେବେ ନନ୍ଦର ମୃତ୍ୟୁକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଓଡ଼ିଶାରେ ଚାଲିଥିବା କୁମ୍‌କି ଅପରେଶନର ମୂଲ୍ୟାଙ୍କନ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବା ଉଚିତ ବୋଲି ଖୋର୍ଦ୍ଧା ଜିଲ୍ଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ପିସିସିଏଫ୍‌ଙ୍କୁ ଇମେଲ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। କମିଟିରେ ପୂର୍ବତନ ପିସିସିଏଫ୍ ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସରୋଜ ପଟ୍ଟନାୟକ, ପୂର୍ବତନ ଚନ୍ଦକା ଡିଏଫ୍‌ଓ ସୁରେଶ କୁମାର ମିଶ୍ର, ପୂର୍ବତନ ଡିସିଏଫ୍ କମଲଲୋଚନ ପୁରୋହିତଙ୍କୁ ସାମିଲ କରିବା ପାଇଁ ଶୁଭେନ୍ଦୁ ପ୍ରସ୍ତାବ ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ପୂର୍ବତନ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କୁ ମଧ୍ୟ ସାମିଲ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ତେବେ ନନ୍ଦର ସ୍ୱାସ୍ଥ୍ୟ ଓ ମୃତ୍ୟୁକୁ ନେଇ ଘୋର ସନ୍ଦେହ ଉଠିଥିବାରୁ ବିଶ୍ୱର ଶ୍ରେଷ୍ଠ ଭେଟେରିନାରି ସର୍ଜନ, ପୂର୍ବତନ ଭେଟେରିନାରି ନିର୍ଦ୍ଦେଶକ ତଥା ଭେଟେରିନାରି କଲେଜର ପୂର୍ବତନ ଡିନ୍ ଡା. ଜୀବନାନନ୍ଦ ମହାନ୍ତିଙ୍କୁ ନେବା ପାଇଁ ମଧ୍ୟ ସେ ପ୍ରସ୍ତାବ ଦିଆଯାଇଛି। ଉକ୍ତ ଇମେଲ୍‌ର ଏକ କପି ସେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବଙ୍କୁ ମଧ୍ୟ ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ନନ୍ଦ ହାତୀକୁ କୁମ୍‌କି ପ୍ରଶିକ୍ଷଣ ପାଇଁ ଚନ୍ଦକା ନିଆଯାଇଥିଲେ ମଧ୍ୟ କୌଣସି ପ୍ରଶିକ୍ଷଣ ଦିଆଯାଇ ନ ଥିଲା। ୨୪ ଘଣ୍ଟା ତା’ ଗୋଡ଼ରେ ବେଡ଼ି ବାନ୍ଧି ରଖାଗଲା। ବାରମ୍ବାର ଟ୍ରାଙ୍କୁଲାଇଜ୍ କରାଯାଇ ସ୍ୱାର୍ଥ ହାସଲ ହେଲା। କୁମ୍‌କି ନାଁରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ପ୍ରଶିକ୍ଷଣ ପାଇଁ ନିଯୁକ୍ତ ହୋଇଥିବା ଆସାମ ମାହୁନ୍ତ ଠିକାଦାର ଗୋଟିଏ ବି କୁମ୍‌କି ହାତୀ ତିଆରି କରି ପାରିଲେ ନାହିଁ। କୋଟି କୋଟି ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ ସତ୍ତ୍ୱେ କୌଣସି ଫଳ ମିଳିଲା ନାହିଁ। ତେଣୁ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ଆଗକୁ ଯେମିତି ଏହି ଘଟଣାର ପୁନରାବୃତ୍ତି ନ ହେବ, ସେଥିପାଇଁ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି।

# ବାପାଙ୍କ କଟୁରି ଚୋଟରେ ପୁଅ ମୃତ

**ଦେବଗଡ଼,୧୮।୫(ଡି.ଏନ୍.ଏ.):** ଯେଉଁ ପୁଅକୁ କାଖେଇ କୋଳେଇ ବଡ଼ କରିଥିଲେ, ସେହି ବଢ଼ିଲା ପୁଅଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି ବାପା। ମଙ୍ଗଳବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଛି ଦେବଗଡ଼ ଜିଲା ଆଦର୍ଶ ଥାନା ଗୁଣ୍ଡୁରିପୋଷି ଗ୍ରାମରେ। ରାତି ପ୍ରାୟ ୧୧ଟା ୩୦ରେ ଉକ୍ତ ଗ୍ରାମର ଗୋଲବଦନ ପାତ୍ର(୩୨) ଘରେ ଶୋଇଥିଲେ। ପାରିବାରିକ କଳହକୁ ନେଇ ତାଙ୍କ ବାପା ମୁଚି (୬୨) ସେଠାକୁ ଆସି ତାଙ୍କୁ ନିଦରୁ ଉଠାଇବା ସହ ଗାଳିଗୁଲଜ କରିଥିଲେ। ଫଳରେ ଉଭୟ ବାପ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ମୁଚି ଘରେ ଥିବା ଏକ କଟୁରି ସାହାଯ୍ୟରେ ଗୋଲବଦନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଗୋଲବଦନଙ୍କ ମୃତ୍ୟୁ ଘଟିଥିଲା। ମୁଚି ଘଟଣାସ୍ଥଳରେ କଟୁରିକୁ ଫିଙ୍ଗିଦେବା ସହ ଦେବଗଡ଼ ଆଦର୍ଶ ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ପୋଲିସ ଗୋଲବଦନଙ୍କ ମୃତଦେହ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରିଛି।

ନବମ ଜନ୍ମଦିନ ଶୁଭେଚ୍ଛା

ଅକ୍ଲେଶ କୁମାର ବରାଡ଼
ଅଶୋକ ନଗର, କୋରାପୁଟ
ଶୁଭେଚ୍ଛା ସହ: ବାବା, ମାଆ, ଅଜ୍ଜୁବାବା, ବିଜୁ ବାବା, ମିଲି ବୋଉ, ପିଲି ବୋଉ, ବୋଉ, ଅଜା, ଆଇ, ମାମୁ, ମାଇଁ, ସୋନୁଭାଇ, ମୁନୁ ଭାଇ, ମାମା ଦିଦି, ଗୁଡୁନୁ ଦିଦି।
ଧ-୪୯୦

# ୪ ଡିଗ୍ରୀ ଯାଏ ବଢ଼ିବ ତାତି

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

## ଫେରିବ ଗ୍ରୀଷ୍ମ ପ୍ରବାହ

ରାଜ୍ୟକୁ ପୁଣି ଗ୍ରୀଷ୍ମ ପ୍ରବାହ ଫେରିବ। ୩ଦିନ ପରେ ଦିନ ତାପମାତ୍ରା ୩ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଜିଲାକୁ ଗ୍ରୀଷ୍ମ ପ୍ରବାହ ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ସେପେଟ ବୁଧବାର ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ରହିଥିଲା। ସେହିଭଳି ଝାରସୁଗୁଡ଼ାରେ ୪୧.୨, ସୁନ୍ଦରଗଡ଼ ୪୦, ବଲାଙ୍ଗୀର ୪୦.୫, ଟିଟିଲାଗଡ଼ ୪୦.୫, ମାଲକାନଗିରି ୪୦, ସୋନପୁର ୪୧.୫, ଦେବଗଡ଼ ୪୧.୨, ନୂଆପଡ଼ା ୪୦, ଭୁବନେଶ୍ୱର ୩୬, କଟକ ୩୬.୨, ପୁରୀରେ ୩୪.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଆଦି ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ହେବା ସମ୍ଭାବନା ରହିଛି। ଏ ସବୁ ଜିଲାରେ ଝଡ଼ତୋଫାନ ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ ରୁ ୪୦କି.ମି. ରହିବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହିତ ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ କେନ୍ଦୁଝର ଜିଲାର କିଛି ସ୍ଥାନରେ ମଧ୍ୟ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବାରଙ୍ଗ,୧୮।୫(ଡି.ଏନ୍.ଏ.):** ଗୋଡ଼ିସାହି ଫାଣ୍ଡି ଗୋଡିସାହି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଶୁଭଦର୍ଶିନୀ ବେହେରା(୨୬)। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁଭଦର୍ଶିନୀଙ୍କ ସ୍ୱାମୀ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର କୌଣସି କାର୍ଯ୍ୟରେ ଶୁଭଦର୍ଶିନୀଙ୍କ ପରିବାର ଲୋକେ ବାହାରକୁ ଯାଇଥିଲେ। ରାତିରେ ସେମାନେ ଫେରିବାବେଳେ ବୋହୂ ଡାକିବାରେ ଶୁଣି ନ ଥିଲେ। ସନ୍ଦେହରେ ଝରକା ବାଟେ ଦେଖିବାବେଳେ ସେ ବେକରେ ଲୁଗା ଲଗାଇ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ଏ ନେଇ ପରିବାର ଲୋକ ଶୁଭଦର୍ଶିନୀଙ୍କ ସ୍ୱାମୀ ଓ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ପରେ ତାଙ୍କ ସ୍ୱାମୀ ଆସି ପହଞ୍ଚିବା ସହ ବାପଘରର ଲୋକ ସହାୟତାରେ ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

# ବିବାହିତ ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

**ପାପଡ଼ାହାଣ୍ଡି,୧୮।୫(ଡି.ଏନ୍.ଏ.)**

- ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ରଖିଥିଲେ ସମ୍ପର୍କ
- ୭ ମାସର ଗର୍ଭବତୀ ହେବାପରେ ହାତ ଛାଡ଼ିଦେଲେ

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ୭ ବର୍ଷ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରେମିକା ୭ ମାସର ଗର୍ଭବତୀ ହେବାପରେ ହାତ ଛାଡ଼ିଦେଲେ ପ୍ରେମିକ। ଏବେ ସ୍ତ୍ରୀର ମାନ୍ୟତା ଏବଂ ଘରକୁ ପଶିବାକୁ ଅନୁମତି ଦାବିକରି ପ୍ରେମିକା ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତର ଛତ୍ରବର ଗାଁରୁ ଏଭଳି ଅଭିଯୋଗ ଆସିଛି। ନ୍ୟାୟ ଦାବିକରି ଯୁବତୀ ଜଣକ ୧୫ ଦିନ ହେଲା ବୁଲୁଥିବାବେଳେ ଶେଷରେ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି।

ସୂଚନା ଅନୁଯାୟୀ, ଛତ୍ରଭର ଗାଁର ଲାଇଜର ଖରା ବିବାହିତ ହୋଇ ମଧ୍ୟ ତେନ୍ତୁଳିଖୁଣ୍ଟି ଥାନା ଖାତିଗୁଡ଼ା ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଲାଇଜର ନିଜ ସ୍ତ୍ରୀଙ୍କୁ ଭାଉଜ ଏବଂ ଝିଅକୁ ଝିଆରୀ ବୋଲି ମିଛ କହି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ କରିବାରୁ ଲାଇଜର ତାଙ୍କୁ ନେଇ ପାପଡ଼ାହାଣ୍ଡି ଗାଁରେ ଏକ ମାସ ଓ ପରେ ଉମରକୋଟ ଡଙ୍ଗରିସାହିସ୍ଥିତ ତାଙ୍କ ଭଉଣୀ ଘରେ ୨ ବର୍ଷ ରଖିଥିଲେ। ଏହାପରେ ଡାବୁଗାଁର ସ୍ୱଧାର ଗୃହରେ ଏକ ମାସ ରଖିବା ପରେ ନିଜ ଘରକୁ ନେଇ ଆସିଥିଲେ। ହେଲେ ଲାଇଜରଙ୍କ ପରିବାର ଲୋକେ ଯୁବତୀଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ତାଙ୍କର ଲୁଗାପଟା ବାହାରେ ଫୋପାଡ଼ି ଦେଇଥିଲେ। ଫଳରେ ବାଧହୋଇ ଗର୍ଭବତୀ ଯୁବତୀ ଲାଇଜରଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷରେ ଲାଇଜର ଘର ଛାଡ଼ି ଫେରାର ହୋଇଯାଇଛନ୍ତି।

ଖବର ପାଇ ମା’ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ପହଞ୍ଚି ଧାରଣାସ୍ଥଳରୁ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି। ଗର୍ଭବତୀ ଥିବାରୁ ତାଙ୍କୁ ଶୀଘ୍ର ନ୍ୟାୟ ମିଳୁ ବୋଲି ସେ ଦାବି କରିଛନ୍ତି। ଗୁରୁବାର ଯୁବତୀ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଘରେ ଶୋଇଥିବା ଯୁବକଙ୍କୁ ଦଳିଦେଲେ ହାତୀ


ଦେଉଳି ରେଞ୍ଜରେ ଝାଡ଼ଖଣ୍ଡୀ ହାତୀପଲ।

**ବାରିପଦା ଅଫିସ,୧୮।୫**

- ଝାଡ଼ଖଣ୍ଡୀ ହାତୀପଲଙ୍କ ଉପଦ୍ରବ
- ୧୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲେ

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଦେଉଳି ରେଞ୍ଜ ଚୁହାଟ ପଞ୍ଚାୟତ କାଠଶିରିଶି ଗ୍ରାମରେ ଝାଡ଼ଖଣ୍ଡୀ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ପଲରେ ୬୦ରୁ ଊର୍ଦ୍ଧ୍ୱ ହାତୀ ରହିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଦେଇଛନ୍ତି। ଏପରିକି ଧାନ ଖାଇବାକୁ ହାତୀପଲ ଘର ଭାଙ୍ଗିବା ସହ ଆକ୍ରମଣରେ ଭିତରେ ଶୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚାଟୁ ଟୁଡୁ(୨୫)। ସେ ଚିତ୍କାର କରିବା ପରେ ହାତୀମାନେ ଦଳିଚକଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିବା ସୂଚନା ମିଳିଛି। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀର ଚଲାପଥ ପ୍ରତି ନଜର ରଖିଛି। ମୃତକଙ୍କ ପରିବାର ଓ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରତିବର୍ଷ ଖାଦ୍ୟ ଅନ୍ୱେଷଣରେ ଝାଡ଼ଖଣ୍ଡୀ ହାତୀପଲ ମୟୂରଭଞ୍ଜ ଜିଲା ଦେଇ ପ୍ରବେଶ କରି ନୀଳଗିରି ମୁହାଁ ହୋଇଥାନ୍ତି। ଯିବାଆସିବା ସମୟରେ ହାତୀଙ୍କ ହାବୁଡ଼ରେ ପଡ଼ି ବହୁ ଧନଜୀବନ ନଷ୍ଟ ହେଉଥିବା ବେଳେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରି ଜନଅସନ୍ତୋଷ ବୃଦ୍ଧି ପାଉଛି।

# ୪ ଦୋକାନ, ୨ ବାଇକ୍‌କୁ ଧକ୍କା ଦେଲା ହାଇୱା

**ବାରଙ୍ଗ, ୧୮।୫(ଡି.ଏନ୍.ଏ.):** ତ୍ରିଶୂଳିଆ ଟ୍ରାଫିକ ଛକ ନିକଟରେ ବୁଧବାର ସକାଳେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ୪ଟି ଦୋକାନକୁ ଧକ୍କା ଦେବା ପରେ ୨ଟି ବାଇକ୍ ଉପରେ ଚଢ଼ିଯାଇଛି। ବାଇକ୍ ଚାଳକଦ୍ୱୟ ନିକଟସ୍ଥ ଚା’ ଦୋକାନରେ ବାଇକ୍ ରଖି ଚା’ ପିଉଥିବାବେଳେ ସୌଭାଗ୍ୟବଶତଃ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ବାଙ୍କୀ- ତ୍ରିଶୂଳିଆ ମୁଖ୍ୟରାସ୍ତାରେ ଓଡି ୦୫ ଜେ ୮୭୫୮ ନଂ. ବିଶିଷ୍ଟ ହାଇୱା ସକାଳେ ଦ୍ରୁତଗତିରେ ଆସୁଥିଲା। ହେଲେ ତ୍ରିଶୂଳିଆ ଛକ ନିକଟରେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ୪ଟି ଦୋକାନ ଉପରେ ଚଢ଼ିଯାଇଥିଲା। ଏଥିସହ ନିକଟରେ ଥିବା ୨ଟି ବାଇକ୍‌କୁ ମଧ୍ୟ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ହାଇୱାଟି ଦ୍ରୁତଗତିରେ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ହାଇୱା ଗାଡିକୁ ପିଛା କରିବାରୁ କିଛିବାଟ ଯିବାପରେ ରାସ୍ତାକଡରେ ଚାଳକ ଗାଡିକୁ ଛାଡି ଫେରାର ହୋଇଯାଇଥିଲା।

# ରଥ ନିର୍ମାଣ: ରେଢ଼ାଖୋଲରୁ କାଠ ପୁରୀ ଗଲା

**ରେଢ଼ାଖୋଲ,୧୮।୫(ଡି.ଏନ.ଏ.)**

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ବଳଭଦ୍ରଙ୍କ ରଥ ନିର୍ମାଣ ଲାଗି ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ବୁଧବାର ୬୧ ଖଣ୍ଡ କାଠ ପଠାଯାଇଛି। ପ୍ରଥମଥର ପାଇଁ ରେଢ଼ାଖୋଲରୁ ଠାକୁରଙ୍କ ରଥ ନିର୍ମାଣ ଲାଗି କାଠ ପଠାଯାଉଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବନ ବିଭାଗ ପକ୍ଷରୁ ସଂଗୃହୀତ କାଠ ବନ୍ତଲୋଇ ଗ୍ରାମଠାରେ ପୂଜାର୍ଚ୍ଚନା ପରେ ଟ୍ରକ୍‌ରେ ବୋଝେଇ କରାଯାଇଥିଲା। ପୂଜାର୍ଚ୍ଚନା ବେଳେ ଡିଏଫ୍‌ଓ ରମାକାନ୍ତ ନାୟକ, ଏସିଏଫ୍ ଦେବୀପ୍ରସାଦ ରାଉତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବୁର୍ଦ୍ଦା ସରପଞ୍ଚ ରାଜା ପାଲ, ସାମାଜିକ କର୍ମୀ ଅନାଦି ସାହୁଙ୍କ ସମେତ ବହୁ ଜଗନ୍ନାଥ ଭକ୍ତ ଓ ବନ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପୂଜକ ରଞ୍ଜନାଭ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। କାଠ ବୋଝେଇ ଟ୍ରକ୍‌କୁ ସହରର ବିଭିନ୍ନ ସ୍ଥାନରେ ଲୋକେ କଳସ ବସାଇ ସ୍ୱାଗତ କରିଥିଲେ। ନାମ ସଂକୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଟ୍ରକ୍ ପୁରୀ ଅଭିମୁଖେ ଗଡ଼ିଥିଲା।


ପୁରୀ ଅଭିମୁଖେ ବାହାରିଥିବା ରଥକାଠ ବୋଝେଇ ଟ୍ରକ୍।

# ୧୧ରେ ଶରଧାବାଲିରେ ହିନ୍ଦୁ ମହାକୁମ୍ଭ

**ପୁରୀ ଅଫିସ, ୧୮।୫:** ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସମ୍ମିଳିତ ହିନ୍ଦୁତ୍ୱ ସୁରକ୍ଷା ମହାକ୍ରାନ୍ତି ତରଫରୁ ବୁଧବାର ହିନ୍ଦୁ ମହାକୁମ୍ଭର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାକ୍ରାନ୍ତିର ସଭାପତି ପ୍ରଦ୍ୟୁମ୍ନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ଜଗନ୍ନାଥ ସିଂହାରୀ ଏବଂ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ସଂଯୋଜକ ସତ୍ୟ ନାରାୟଣ ମିଶ୍ର ହିନ୍ଦୁ ମହାକୁମ୍ଭ ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ହିନ୍ଦୁ ଏକତା ତଥା ଭାରତକୁ ଅଖଣ୍ଡ ହିନ୍ଦୁ ରାଷ୍ଟ୍ର ଘୋଷଣା ପ୍ରଭୃତି ପ୍ରସଙ୍ଗକୁ ନେଇ ଏହି ହିନ୍ଦୁ ସଭା ଆୟୋଜନ ହେବ। ଆଲୋକ ଖୁଣ୍ଟିଆ ଏବଂ ପ୍ରିୟପ୍ରସାଦ ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆସନ୍ତା ଜୁନ ୧୧ ଓ ୧୨ ତାରିଖରେ ଶରଧାବାଲିରେ ବିଶାଳ ହିନ୍ଦୁତ୍ୱ ସୁରକ୍ଷା ସଭା ବା ହିନ୍ଦୁ ମହାକୁମ୍ଭ ସଭା ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ରାଷ୍ଟ୍ରରୁ ହିନ୍ଦୁମାନେ ଆସି ଯୋଗଦେବେ। ଏହି ଅବସରରେ ସସ୍ମିତା ସାହୁ, ଅରୁଣିମା ସାହୁ, ସ୍ୱପ୍ନାରାଣୀ ପାତ୍ର ପ୍ରମୁଖ ମାତୃଶକ୍ତି ମହାକୁମ୍ଭର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ସେହିପରି ବରିଷ୍ଠ କର୍ମୀ ନିକୁଞ୍ଜ ଦାସ, ସୂର୍ଯ୍ୟ ରଥ, କୃଷ୍ଣଚନ୍ଦ୍ର ରାୟ ପ୍ରମୁଖ ହିନ୍ଦୁ ମହାକୁମ୍ଭକୁ ସଫଳ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

**ଦାମନଯୋଡ଼ି, ୧୮।୫(ଡି.ଏନ.ଏ.)**

ଦାମନଯୋଡ଼ି-କାକିରିଗୁମା ରାସ୍ତାର ଝଡ଼ିଗୁଡ଼ା ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଦୁଇ ମୃତକ ହେଲେ ଅନନ୍ତ ନାୟକ(୨୨) ଓ ବାପି କମାର। ଅନନ୍ତଙ୍କ ଘର ଦଶମନ୍ତପୁର ବ୍ଲକର ଟାମକସିଲ ଗ୍ରାମରେ। ବାପିଙ୍କ ଘର ସେହି ବ୍ଲକର ଭିତରବାଗ୍ରୀ ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଆହତ ଦୈତାରି କମାରଙ୍କ ଘର ଲକ୍ଷ୍ମୀପୁର ବ୍ଲକ ବସ୍ତ୍ରବନ୍ଧ ଗ୍ରାମରେ ବୋଲି ଜଣାପଡ଼ିଛି।

ଖବରରୁ ଜଣାପଡ଼ିଛି କାକିରିଗୁମା ଅଞ୍ଚଳର ଅନନ୍ତ, ବାପି ଓ ଦୈତାରି ଏକ ବାଇକ୍ (ଓଡି୧୦କ୍ୟୁ-୬୦୦୩)ରେ ଦାମନଯୋଡ଼ି ପୁଟ୍ରାଘାଟି ଗ୍ରାମରୁ ଭୋଜି ଖାଇ ମଙ୍ଗଳବାର ରାତିରେ ଗ୍ରାମକୁ ଫେରୁଥିଲେ। ଝଡ଼ିଗୁଡ଼ା-ଲିଟିଗୁଡ଼ା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ସେମାନେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱରେ ଥିବା ୩ଫୁଟ ଖାଲ ଭିତରକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ଅନନ୍ତ ଓ ବାପିଙ୍କ ମୃତ୍ୟୁ ହୋଇଥିଲା। ସକାଳୁ ଲୋକେ ଦେଖିବା ପରେ ଆହତ ଦୈତାରିଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ ନିଆଯାଇଥିଲା। ସୂଚନା ପାଇ ଦାମନଯୋଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିରଳ ସାଲିଭାରୀ ଗ୍ଲାଣ୍ଡ୍ କ୍ୟାନ୍‌ସରର ସଫଳ ଚିକିତ୍ସା

**ଭୁବନେଶ୍ୱର,୧୮।୫(ବ୍ୟୁରୋ)**

କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ ଏକ ବିରଳ ସାଲିଭାରୀ ଗ୍ଲାଣ୍ଡ୍ କ୍ୟାନସର ‘ପାରୋଟିଡ୍ ଗ୍ଲାଣ୍ଡ କାର୍ସିନୋମା’ର ସଫଳ ଚିକିତ୍ସା କରାଯାଇଛି। ପଶ୍ଚିମ ଓଡ଼ିଶାର ଜଣେ ୩୩ବର୍ଷ ବୟସ୍କା ମହିଳାଙ୍କ କର୍ଣ୍ଣପଟଳ ତଳ ମାଂସାଳ ସ୍ଥାନ(ଇୟର ଲୋବ୍)ରେ ଥିବା ସାଲିଭାରୀ ଗ୍ଲାଣ୍ଡରେ ଏହି କ୍ୟାନ୍‌ସର ହୋଇଥିଲା। ଫଳରେ ୮ ମାସ ଧରି ତାଙ୍କ ମୁହଁ ଏବଂ କର୍ଣ୍ଣପଟଳ ତଳଭାଗରେ ବହୁତ ଯନ୍ତ୍ରଣା ହେଉଥିଲା। ସେ ଅନେକ ହସ୍ପିଟାଲ ଓ ବହୁ ନ୍ୟୁରୋଲୋଜିକାଲ ସ୍ପେଶାଲିଷ୍ଟଙ୍କ ନିକଟକୁ ଯାଇଥିଲେ ମଧ୍ୟ କେଉଁଠି ତାଙ୍କର ପ୍ରକୃତ ରୋଗ ଚିହ୍ନଟ ହୋଇପାରି ନ ଥିଲା। ପରେ ସେ ଏଚ୍‌ସିଜି କ୍ୟାନ୍‌ସର ହସ୍ପିଟାଲକୁ ଆସି ଡାକ୍ତରଙ୍କ ସହିତ ପରାମର୍ଶ କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କ କର୍ଣ୍ଣପଟଳ ତଳଭାଗରେ ଅସ୍ୱାଭାବିକ ଫୁଲା ରହିଥିବା ଦେଖି ତାହା ଟ୍ୟୁମର ବୋଲି ସନ୍ଦେହ କରିଥିଲେ। ହେଲେ କ୍ୟାନ୍‌ସର ଆକ୍ରାନ୍ତ କି ନୁହେଁ ଜାଣିବାକୁ ତାଙ୍କର ପରୀକ୍ଷା ହୋଇଥିଲା। ରିପୋର୍ଟରେ ସେ କ୍ୟାନ୍‌ସର ଆକ୍ରାନ୍ତ ସ୍ପଷ୍ଟ ହେବାପରେ ଚିକିତ୍ସା ଆରମ୍ଭ ହୋଇ ଶେଷରେ ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୁପରଫିସିଆଲ ଲୋବ୍ ଏବଂ ଡିପ୍ ଲୋବ୍ ଦେଇ ଯାଇଥିବା ମୁଖମଣ୍ଡଳର ସ୍ନାୟୁଗୁଡ଼ିକୁ ସଂରକ୍ଷିତ ରଖି ଦୀର୍ଘ ସାଢ଼େ ଚାରିଘଣ୍ଟା କାଳ ଏହି ଅସ୍ତ୍ରୋପଚାର କରାଯାଇଥିଲା। କାରଣ ଏହି ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇଥିଲେ ମୁଖମଣ୍ଡଳ ଅସୁନ୍ଦର ହୋଇଯାଇଥାନ୍ତା, ମୁହଁର ଗୋଟିଏ ପଟ ପକ୍ଷାଘାତର ଶିକାର ହୋଇଥାନ୍ତା, ନିଜର ମନୋଭାବ ପରିପ୍ରକାଶ କରିବାର ଅଭାବ, ଚକ୍ଷୁ ବନ୍ଦ କରିବାର ଅସାମର୍ଥ୍ୟ ଏବଂ ଭୂଲତା ଚଳନ ଅସମ୍ଭବ ହୋଇଯାଇଥାନ୍ତା। ଏହି ଚିକିତ୍ସାକୁ ସିନିୟର କନ୍‌ସଲଟାଣ୍ଟ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ମୁନାଥ ଏନ୍‌ଏମ୍‌ଏଲ୍ ଏବଂ ତାଙ୍କ ଟିମ୍ ସଫଳତାର ସହ କରିଥିଲେ। ଏ ନେଇ ଡା. ମୁନାଥ କହିଛନ୍ତି, ଏହା ଯୁବତୀଙ୍କ କ୍ଷେତ୍ରରେ ଏକ ଅନନ୍ୟ ଓ ବିରଳ ଘଟଣା। ବର୍ଷକୁ ଏଭଳି ଗୋଟିଏ ବା ଦୁଇଟି ଘଟଣା ଦେଖିଥାଉ। ଏହା ଏକ ଚାଲେଞ୍ଜପୂର୍ଣ୍ଣ ଅସ୍ତ୍ରୋପଚାର ଥିଲା। କାରଣ କ୍ୟାନ୍‌ସର ଟ୍ୟୁମରଗୁଡ଼ିକ ମୁଖମଣ୍ଡଳର ସ୍ନାୟୁକୁ ଲାଗିକରି ରହିଥିଲା ଏବଂ ଆମକୁ ସ୍ନାୟୁ ପ୍ରତି କୌଣସି ପ୍ରଭାବ ନ ପକାଇ ଯତ୍ନର ସହିତ ଟ୍ୟୁମରଗୁଡ଼ିକୁ କାଟି ବାହାର କରିବାର ଥିଲା।

ମନେ ପଡ଼ନ୍ତି

ମାମାଙ୍କର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ଭାବବିହ୍ୱଳ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

Baishnavi Narayani Dasi
୰ନଳିନୀ ପଟ୍ଟନାୟକ
(1940-2021)
ସ୍ୱାମୀ- ବୈଷ୍ଣବଶ୍ରୀ ଅବଧୂତଚରଣ ଦାସ (ପଟ୍ଟନାୟକ)
ସା. ଦଳତାପଡ଼ାସାହି (ସାନମଠ ସାମ୍ନାରେ),
ପୋ. / ଜିଲ୍ଲା- ପୁରୀ-୭୫୨୦୦୧
ମାମା, ଆପଣଙ୍କୁ ଭଲ ପାଇବାର ସ୍ମୃତିରେ, ଆପଣ ଯେଉଁଠି ଥାଆନ୍ତୁ, ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀଗିରିଧାରୀ, ଶ୍ରୀମଦନମୋହନଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ୱାମୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତିନାତୁଣୀମାନେ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୪୨୫

ଶ୍ରଦ୍ଧାଞ୍ଜଳି

୰ଆଶିଷ କୁମାର ଜେନା
(ବାବୁଲି)
ହଣ୍ଡପା, ଅନୁଗୋଳ
ଆବିର୍ଭାବ-୦୨।୦୮।୧୯୬୮
ତିରୋଧାନ- ୧୯।୦୫।୧୯୯୯
ତୁମେ ଯେଉଁଠାରେ ବି ଥାଅ ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୪୮୬

ଶ୍ରଦ୍ଧାଞ୍ଜଳି

ପଦ୍ମଶ୍ରୀ ସ୍ୱର୍ଗତ
ରଜତ କୁମାର କର
ଆବିର୍ଭାବ: ୦୨।୦୯।୧୯୩୩
ତିରୋଧାନ: ୦୮।୦୫।୨୦୨୨
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପରିବାରବର୍ଗ
D-491

## ସଂକ୍ଷେପରେ

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଜବତ



ପରଜଙ୍ଗ, ୧୮।୫ (ଡି.ଏନ୍.ଏ.) : ପରଜଙ୍ଗ ବ୍ଲକ କନ୍ଦରସିଂହା ପଞ୍ଚାୟତ ନୂଆଗାଁର ସୁମ ବେହେରା (୯୨)ଙ୍କ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ମହୁଲପାଳ ପଞ୍ଚାୟତ କମଗରା ଘାଟ ନିକଟ ବ୍ରାହ୍ମଣୀ ନଦୀରୁ ମିଳିଛି। ସେ ଗତ ୧୫ ତାରିଖରୁ ନିଖୋଜ ଥିଲେ। ପଣ୍ଡୁଆ ଫାଣ୍ଡି ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। କାମାକ୍ଷାନଗର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ରାହ୍ମଣୀ ନଦୀ କୂଳରେ ସୁମଙ୍କ ଘର ହୋଇଥିବାରୁ ସେ ବୁଡ଼ିଯାଇଥିବା ସନ୍ଦେହ କରାଯାଉଥିଲା। ପୋଲିସ, ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରହିଥିଲା। କନ୍ଦରସିଂହା ଗ୍ରାମରେ ଚନ୍ଦନଯାତ୍ରା ଚାଲିଥିବାବେଳେ ବୃଦ୍ଧାଙ୍କ ଏଭଳି ମୃତ୍ୟୁ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଯାନବାହନ ଯାଞ୍ଚ: ୪୫,୦୦୦ ଜରିମାନା ଆଦାୟ



ଭୁବନ, ୧୮।୫(ଡି.ଏନ୍.ଏ.): ଢେଙ୍କାନାଳ ଏସ୍‌ପି ଏଲ୍. ଦିବ୍ୟା ଭି.ଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଭୁବନ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଛି। ରଗଡ଼ି ଛକ, କାଳୀବଜାର, ବାଇପାସ୍ ଏବଂ କଲେଜ ଛକରେ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ନାକାବନ୍ଦୀ କରାଯାଇ ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଗୋଟିଏ ଟ୍ରକ୍ ଏବଂ ୪ ବାଇକ୍ ଜବତ ହୋଇଛି। ନିଶା ସେବନ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ବେପରୁଆ ଗାଡ଼ିଚାଳନା କାରଣରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି। ଆଗକୁ ଏହାକୁ ଆହୁରି ଜୋରଦାର କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

### ରାମିଆଳରେ ବୁଡ଼ି ବୃଦ୍ଧ ମୃତ

ଭୁବନ, ୧୮।୫(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ଥାନା ମାର୍ଥାପୁର ଗ୍ରାମ ନିକଟରେ ପ୍ରବାହିତ ରାମିଆଳ ନଦୀରେ ବୁଡ଼ିଯାଇ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଠିଆ ଶଙ୍ଖୁଆ (୭୦)। ବୃଦ୍ଧଜଣକ ମଧ୍ୟାହ୍ନରେ ନଦୀରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାକୁ ପରିବାର ଲୋକେ ଅପରାହ୍ନ ୩ଟାରେ ଖୋଜାଖୋଜି କରିଥିଲେ। ଏହି ସମୟରେ ନଦୀରେ ଭାସୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଠାବ କରାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ. ୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ଜିଲାପାଳଙ୍କୁ ହକିଷ୍ଟିକ୍ ଦେଲା ରାଜ୍ୟ ହକି ସଂଘ



ଢେଙ୍କାନାଳ ଅଫିସ,୧୮।୫:ଢେଙ୍କାନାଳ ଜିଲାରେ ହକି ଖେଳକୁ ପ୍ରୋତ୍ସାହନ ଦେବା ପାଇଁ ନବଗଠିତ ରାଜ୍ୟ ହକି ସଂଘ ପକ୍ଷରୁ ସ୍ମାରକୀ ସ୍ୱରୂପ ବୁଧବାର ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଏକ ହକିଷ୍ଟିକ୍ ପ୍ରଦାନ କରାଯାଇଛି। ନବଗଠିତ ହକି ଆସୋସିଏଶନର ସଭାପତି ଭାବେ ଦିଲୀପ ତିର୍କୀ, ଉପସଭାପତି ଜୀବନ ମହାନ୍ତି, ସାଧାରଣ ସମ୍ପାଦକ ସନାତନ ସାହୁ, ଯୁଗ୍ମ ସମ୍ପାଦକ ଲୁକେଲା ଏକ୍କା ଏବଂ କୋଷାଧ୍ୟକ୍ଷ ଭାବେ ଢେଙ୍କାନାଳ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ରାଜ୍ୟ ହକି ସଂଘ ପକ୍ଷରୁ କୋଷାଧ୍ୟକ୍ଷ ତଥା ଜିଲା କ୍ରୀଡ଼ା ଅଧିକାରୀ ଜିଲାପାଳଙ୍କୁ ଉକ୍ତ ହକିଷ୍ଟିକ୍ ପ୍ରଦାନ କରିଥିଲେ। କୋଚ୍ ସାଇପ୍ରସାଦ ଦଳେଇ ଉପସ୍ଥିତ ଥିଲେ।

# 'ପିଲାଙ୍କୁ ସ୍କୁଲମୁହାଁ କରାଅ'

ଢେଙ୍କାନାଳ ଅଫିସ, ୧୮।୫



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

■ ଅପପୁଷ୍ଟିର ଶିକାର ପିଲାଙ୍କୁ ପୋଷ୍ୟ ଗ୍ରହଣ କର

■ ବିଏସ୍‌କେୱାଇ ପାଇଁ ଖୋଲିବ ୨୪ ଘଣ୍ଟିଆ ସେଲ୍

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଭିଡିଓ କନଫରେନ୍ସ ହଲ୍‌ରେ ବୁଧବାର ଉନ୍ନୟନମୂଳକ କାର୍ଯ୍ୟ ଏବଂ କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ଉନ୍ନତମାନର ଶିକ୍ଷାଦାନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଚିହ୍ନଟ କରି ସ୍କୁଲମୁହାଁ କରାଇବା, ମାସରେ ଅନ୍ୟୂନ ଥରେ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା, ଅପପୁଷ୍ଟିର ଶିକାର ଓ ପାଠପଢ଼ାରେ ଦୁର୍ବଳ ଥିବା ପିଲାଙ୍କୁ ଅଙ୍ଗନୱାଡ଼ି କର୍ମୀମାନେ ପୋଷ୍ୟ ଗ୍ରହଣ କରି ବିଶେଷ ଯତ୍ନ ନେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

କାଉନ୍‌ସେଲିଂ କରି ପିଲାମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରସ୍ତୁତ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା, ଜନଶୁଣାଣି ପାଇଁ ନିୟୋଜିତ ଅଧିକାରୀ ପ୍ରତି ସୋମବାର ନିଜ କାର୍ଯ୍ୟାଳୟରେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା, ବେଆଇନ ଖଣିଜ ଚାଲାଣ ଉପରେ ରୋକ୍ ଲଗାଇବା, ଯଥାସମ୍ଭବ ରାଜସ୍ୱ ହାନି ରୋକିବା ଲାଗି ଜିଲାପାଳ ବିଡିଓ, ତହସିଲଦାରଙ୍କୁ ପରାମର୍ଶ ଦିଆଯାଇଛି। ଆବାସ ଯୋଜନାରେ ଅସମ୍ପୂର୍ଣ୍ଣ ଥିବା ଗୃହ ନିର୍ମାଣ କାମ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନାରେ ଭାଗନେଇ ସିଡିଏମ୍‌ଓ ଡା. ଅଶୋକ କୁମାର ଦାସ କହିଲେ, ଜିଲାରେ ଅଧିକ ଡାକ୍ତର ନିଯୁକ୍ତି ଲାଗି ବ୍ୟବସ୍ଥା କରାଯାଉଛି। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ଠିକ୍ କାର୍ଯ୍ୟକାରିତା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ୨୪ ଘଣ୍ଟିଆ ସେଲ୍ କାର୍ଯ୍ୟ କରିବ। ବୁଷ୍ଟର ଡୋଜ୍ ନେବାକୁ ସମସ୍ତେ ନିଜ ତରଫରୁ ଆଗେଇ ଆସିବାକୁ ସିଡିଏମ୍‌ଓ ନିବେଦନ କରିଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ସଦର ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ତହସିଲଦାର ଅନୁପମା ମୁର୍ମୁ, ଶିକ୍ଷା ଅଧିକାରୀ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ଗଣଧାରଣା

ଢେଙ୍କାନାଳ ଅଫିସ୍, ୧୮।୫

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧ ନିକଟରେ ପ୍ରତିଷ୍ଠିତ ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ସମାଧାନ ହେଉ ନ ଥିବାରୁ ଗ୍ରାମବାସୀ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ବୁଧବାର ଗଣଧାରଣା ଦେଇଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବାଲିମୀ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ସମସ୍ୟାର ତ୍ୱରିତ ସମାଧାନ ନେଇ ଗାଲପଡ଼ା ସରପଞ୍ଚ ନର୍ମଦା ସେଠୀ, ସମିତି ସଭ୍ୟ ଦେବରାଜ ଦଳେଇ, ଅନ୍ତର୍ଯ୍ୟାମୀ ସାହୁ, ନବକିଶୋର ବାରିକ, ବିଜୟ ପାଣିଗ୍ରାହୀ, ବିଜୟ କୁମାର ଜେନା, ନାଏବ ସରପଞ୍ଚ ଲିକୁନ ସାହୁ ପ୍ରମୁଖ ପୋଲିସ ଉପସ୍ଥିତିରେ କମ୍ପାନୀର ମାନବସମ୍ବଳ ସହ ମହାପ୍ରବନ୍ଧକ ଅଜୟ କୁମାର ଦାସ, ଉପ ସହମହାପ୍ରବନ୍ଧକ ସଞ୍ଜୀବ ଶ୍ରୀବାସ୍ତବଙ୍କ ସହ ଆଲୋଚନା କରିଥିଲେ। ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।



କମ୍ପାନୀ ଫାଟକ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

# ଡିଆରଏମ୍‌ଙ୍କୁ ଭେଟିଲା ରେଳଯାତ୍ରୀ ସଂଘ

ଢେଙ୍କାନାଳ ଅଫିସ, ୧୮।୫

■ ଟ୍ରେନ୍ ଚଳାଚଳ ସମୟକୁ ନେଇ ଆଲୋଚନା

■ ଢେଙ୍କାନାଳରେ ଫୁଟ୍ ଓଭରବ୍ରିଜ୍ ପାଇଁ ଅନୁରୋଧ

■ ବିପଦସଙ୍କୁଳ ରାସ୍ତା ମରାମତି ଦାବି

ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘର ଏକ ପ୍ରତିନିଧି ଦଳ ବୁଧବାର ଅପରାହ୍ନ ୪ଟାରେ ଖୋର୍ଦ୍ଧାରୋଡ୍ ରେଲୱେ ପ୍ରବନ୍ଧକ (ଡିଆର୍‌ଏମ୍) ରିକେଶ ରାୟଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଶିଳ୍ପବହୁଳ ଢେଙ୍କାନାଳ, ଅନୁଗୋଳ ଏବଂ ତାଳଚେର ଅଞ୍ଚଳର ରେଳଯାତ୍ରୀଙ୍କ ସମସ୍ୟା ସମାଧାନ ଲାଗି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

କରୋନା ପାଇଁ ଟ୍ରେନ୍ ଚଳାଚଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏବେ ସ୍ଥିତି ସୁଧୁରିଛି। ତେଣୁ ସମସ୍ତ ଟ୍ରେନ୍ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବାକୁ ଆଲୋଚନା କରାଯାଇଛି। ଢେଙ୍କାନାଳ ରେଳ ଷ୍ଟେଶନରେ ଅନ୍ୟ ଏକ ଫୁଟ୍ ଓଭରବ୍ରିଜ୍ ନିମନ୍ତେ କରାଯାଇଥିବା ଅନୁରୋଧକୁ ପ୍ରବନ୍ଧକ ସବୁଜ ସଙ୍କେତ ଦେଇଛନ୍ତି। ଢେଙ୍କାନାଳ ବାଜିଚୌକଠାରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ଏହାକୁ ପୁନଃନିର୍ମାଣ କରିବା ଲାଗି ସଂଘ ପ୍ରତିନିଧିଙ୍କ ଦାବିକୁ ବିଚାରକୁ ନେଇ ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ପ୍ରବନ୍ଧକ ପ୍ରତିଶ୍ରୁତି ଦେଇଛନ୍ତି। ଏହାବାଦ୍ ଢେଙ୍କାନାଳ ରେଳଷ୍ଟେଶନ, ସାଇକେଲ ଷ୍ଟାଣ୍ଡର ଉନ୍ନତୀକରଣ ଓ ଅସ୍ଥାୟୀ ସେଡ୍ ନିର୍ମାଣ, ପ୍ଲାଟଫର୍ମରେ ପାନୀୟଜଳ ବ୍ୟବସ୍ଥା, ସ୍ୱଚ୍ଛତା ବଜାୟ ରଖିବା ଲାଗି ସଂଘ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ମନମୋହନ ମହାପାତ୍ର, ଉପଦେଷ୍ଟା ଶ୍ରୀପ୍ରକାଶ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସିନିୟର ଡିଓଏମ୍ କେଭି ଏସ୍‌ଏସ୍‌ଆର କିଶୋର, ଚିଫ୍ କଣ୍ଟ୍ରୋଲର ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ଡିଆର୍‌ଏମ୍‌ଙ୍କ ସହିତ ଆଲୋଚନା ଅବସରରେ ରେଳଯାତ୍ରୀ ସଂଘର ସଦସ୍ୟମାନେ।

# ଅଟୋ ଆନାଲାଇଜର କାର୍ଯ୍ୟକ୍ଷମ ଦାବି

ଢେଙ୍କାନାଳ ଅଫିସ, ୧୮।୫

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ରକ୍ତ ନମୁନା ପରୀକ୍ଷା ପାଇଁ ଥିବା ଅଟୋ ଆନାଲାଇଜର ବ୍ୟବସ୍ଥା ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ଉଫୁନା ପକ୍ଷରୁ ବୁଧବାର ଦାବି କରାଯାଇଛି। ଆବଶ୍ୟକ ଲିକ୍ୟୁଡ୍ ଅଭାବରୁ ଅଟୋ ଆନାଲାଇଜରଟି ଅଚଳ ହୋଇ ପଡ଼ିଛି। ଅନୁଷ୍ଠାନ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏଥିଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଏକ ସିଟି ସ୍କାନ ପାଇଁ ଅନୁଦାନ ପ୍ରଦାନ ଲାଗି ଦାବି କରାଯାଇଛି। ଜିଲାର ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କୁ ଏଥିଲାଗି ଅନୁରୋଧ କରାଯାଇଥିବା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ବୈଠକରେ ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ବାହାଦୁର ପାଟସାହାଣୀ, ପ୍ରଫେସର ଦିଲୀପ ନନ୍ଦ, ଶିକ୍ଷାବିତ୍ ସମୀର ସାହୁ, ଉମ୍ବରୁଧର ପଣ୍ଡା, ସରୋଜ ଶତପଥୀ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୬୦୦୦ ଲିଟର କିରୋସିନ ଜବତ



ପୋଲିସ ଜବତ କରିଥିବା ଟ୍ୟାଙ୍କର ଏବଂ ଅପମିଶ୍ରଣ କରିବାକୁ ରଖାଯାଇଥିବା ଡ୍ରମ୍।

ଢେଙ୍କାନାଳ ଅଫିସ୍, ୧୮।୫

ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥର ରସାସିଂହ ନିକଟରୁ ବୁଧବାର ଭୋର୍ ସମୟରେ ୨ଟି ଟ୍ୟାଙ୍କରରେ ଚୋରା ଚାଲାଣ ହେଉଥିବା ୬୦୦୦ ଲିଟର କିରୋସିନ ପୋଲିସ ଜବତ କରିଛି। ସାଧାରଣ ବଣ୍ଟନ ଲାଗି ଉଦ୍ଦିଷ୍ଟ ଉକ୍ତ କିରୋସିନ ଖୋର୍ଦ୍ଧା ଜିଲା ଜଟଣୀରୁ ଢେଙ୍କାନାଳ ଜିଲା କଣ୍ଟାବଣିଆ ଅଞ୍ଚଳକୁ ଆସୁଥିଲା। ଏହାକୁ ଅପମିଶ୍ରଣ କରି ବିକ୍ରି କରିବାକୁ ଯୋଜନା କରାଯାଉଥିବାବେଳେ ସୂଚନା ପାଇ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ରାସୋଳ ଥାନା ଖରିଡ଼ାଳି ଗ୍ରାମର ମାନସ ଦାସ, କଟକ ଜିଲା କାନପୁର ଥାନା ଜଳକେରି ଅଞ୍ଚଳର ଅରୁଣ ସାହୁ, ମୋଟଙ୍ଗା ଥାନା ବାଙ୍ଗୁରପଶି ଗ୍ରାମର ପ୍ରଦୀପ୍ତ ଦାସ ଗିରଫ ହୋଇଛନ୍ତି। ଏ ନେଇ ନଂ. ୨୩୫/୨୨, ଦଫା ୩୭୯, ୪୦୭, ୪୧୧, ୧୨୦ (ବି), ୭ ଏସେନ୍ସିଆଲ କମୋଡିଟି ଆକ୍ଟ ଓ ୨୩ ପେଟ୍ରୋଲିୟମ ଆକ୍ଟରେ ମାମଲା ରୁଜୁ କରାଯାଇଛି।

### ଜଟଣୀରୁ ହେଉଥିଲା ଚୋରାଚାଲାଣ, ୩ ଗିରଫ

### ଡିଜେଲ ଦର ବୃଦ୍ଧି ପରେ ବଢୁଛି ଅପମିଶ୍ରଣ କାରବାର

କିଛି ମାସ ହେଲା ପେଟ୍ରୋଲ, ଡିଜେଲ ଦରରେ ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଛି। ଏହାକୁ ନେଇ ବଢ଼ିଛି ପରିବହନ ଖର୍ଚ୍ଚ। ଏହି ବୋଝରୁ ମୁକୁଳିବା ଲାଗି ଭାରିଯାନ ମାଲିକମାନେ କିରୋସିନ ମିଶ୍ରିତ ଡିଜେଲରେ ଗାଡ଼ି ଚଳାଉଛନ୍ତି। ଏଥିଲାଗି ସେମାନେ ସାଧାରଣ ବଣ୍ଟନ ଲାଗି ଆସୁଥିବା କିରୋସିନ ଉପରେ ନଜର ପକାଇଛନ୍ତି। ଢେଙ୍କାନାଳ ଜିଲା ୫୫ନଂ. ଜାତୀୟ ରାଜପଥର ରସାସିଂହ ନିକଟରୁ ଚୋରା କିରୋସିନ ଧରାପଡ଼ିବା ପରେ ରାଜ୍ୟରେ ଏଭଳି ଅନେକ ବଡ଼ଧରଣର ର୍‍ୟାକେଟ୍ ଚାଲିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗରିବ ଲୋକଙ୍କ ପାଇଁ ଆସୁଥିବା ଇନ୍ଧନର ଏଭଳି ବେଆଇନ ବ୍ୟବସାୟ ଯୋଗାଣ ବିଭାଗର ଅପାରଗତାକୁ ପଦାରେ ପକାଇଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ୧୫ ଟନ୍ ଚୋରା କୋଇଲା ଜବତ

ଢେଙ୍କାନାଳ ଅଫିସ, ୧୮।୫

ଢେଙ୍କାନାଳ ସଦର ଥାନା ଅଙ୍କରାନ୍ତିପୁର ଅଞ୍ଚଳରୁ ବୁଧବାର ୧୫ ଟନ୍ ଚୋରା କୋଇଲା ଜବତ କରାଯାଇଛି। ଚଢ଼ାଉ ପୂର୍ବରୁ ସୂଚନା ପାଇ ଅଭିଯୁକ୍ତମାନେ ଖସିଯାଇଛନ୍ତି। ବିଭିନ୍ନ ସ୍ଥାନରୁ ଚୋରା କୋଇଲା ଆଣି ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଜମା କରାଯାଉଥିଲା। ସୂଚନା ପାଇ ଖଣି ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା।

# ଓଲଟିଲା ଟ୍ରକ୍, ଡ୍ରାଇଭର ମୃତ

ପରଜଙ୍ଗ, ୧୮।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଡ୍ରାଇଭର ତଥା ଯାଜପୁର ଜିଲା ଓସ୍ତପାଳ ଅଞ୍ଚଳର ପ୍ରମୋଦ କୁମାର ନାଥଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକ୍ ଭିତରେ ଚାପି ହୋଇ ରହିଯାଇଥିଲେ। ପୋଲିସ ଗ୍ୟାସ୍ କଟର ସହାୟତାରେ କାଟି ଉଦ୍ଧାର କରିଥିଲା। ତାଙ୍କୁ ତାଳଚେର ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୋଲିସ ମାମଲାର ତଦନ୍ତ ଚଳାଇଛି।



# ଆରମ୍ଭ ହେଲା ବୈଶାଖୀ ମହୋତ୍ସବ

### ସ୍ଥାନୀୟ ମିନି ଷ୍ଟାଡିୟମରେ ଦୁଇଦିନିଆ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ, ୧୮।୫

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ବୈଶାଖୀ ମହୋତ୍ସବ। ସାଂସ୍କୃତିକ ଅନୁଷ୍ଠାନ 'ଗୁଡ୍‌ନାଇଟ୍ କ୍ଲବ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାମାଜିକ କର୍ମୀ ହର୍ଷବର୍ଦ୍ଧନ ସିଂହଦେଓ କହିଲେ, ଢେଙ୍କାନାଳ କଳା ଓ ସଂସ୍କୃତି ଅନନ୍ୟ। ପ୍ରତିଭାବାନ କଳାକାରଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ସଭାପତି ସୁକାନ୍ତ ମିଶ୍ର, ସମ୍ପାଦକ ବିଶ୍ୱନାଥ ବେହେରା, ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, କବି ଅଥୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଓ ଢେଙ୍କାନାଳ କୁଇନ୍-୨୦୨୨ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦେବାଶିଷ ମିଶ୍ର, ଅରବିନ୍ଦ ସାହୁ ଏହାର ପରିଚାଳନା କରିଥିଲେ। ଆବାହକ ସତ୍ୟସ୍ୱରୂପ ଦାସ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ କୋଷାଧ୍ୟକ୍ଷ ବିନୋଦ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀକାନ୍ତ ସାହୁ, ସୌରଭ ବିଶ୍ୱାଳ, ଦୁଷ୍ମନ୍ତ ବରାଳ, ମାନସ ତ୍ରିପାଠୀ, ବାବୁଲି ଦାସ, ଶ୍ରୀନିବାସ ଦାସ ପରିଚାଳନାରେ ସହଯୋଗ କରିଥିଲେ। ଗୋପବନ୍ଧୁ ଟାଉନ୍ ହଲ୍‌ରେ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିବାବେଳେ ଅବଶିଷ୍ଟ ଦୁଇଦିନର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଗୁରୁବାର ଏବଂ ଶୁକ୍ରବାର ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।



ବୈଶାଖୀ ମହୋତ୍ସବ ଉଦଘାଟନୀ ସନ୍ଧ୍ୟାରେ ଅତିଥିଙ୍କୁ ସମ୍ମାନିତ କରାଯାଉଛି।



ଢେଙ୍କାନାଳ କୁଇନ-୨୦୨୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ପ୍ରକଳ୍ପରୁ ପାଣି ପମ୍ପ ଚୋରି

ପବିତ୍ରନଗର,୧୮।୫(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ବିରୁ ଗ୍ରାମରେ ଥିବା ୬ ନମ୍ବର ଉଠା ଜଳସେଚନ ପ୍ରକଳ୍ପରୁ ପାଣି ପମ୍ପ ଚୋରି ହୋଇଥିବା ଜଣାପଡିଛି। ବିରୁ-ବୁଲାଝର ରାସ୍ତାକଡରେ ଥିବା ଏହି ପାଣି ପମ୍ପକୁ ରବିବାର ରାତିରେ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଚାଷୀମାନେ ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେହିପରି ଅଳ୍ପଦିନ ତଳେ ସମଲ ଗ୍ରାମରେ ମଧ ଅନୁରୂପ ଭାବେ ଏକ ପାଣିପମ୍ପ ଚୋରି ହୋଇଥିଲା। ବାରମ୍ବାର ଏଭଳି ଚୋରି ହେଉଥିବା ବେଳେ ଏହାର ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପାଣି ପଞ୍ଚାୟତ ସଭାପତି ଅରୁଣ ଦେହୁରୀ, ଚାଷୀ ଦିବାକର ବେହେରା, ସୁରେଶ ମହାନ୍ତି ଦାବି କରିଛନ୍ତି।

### ଭାଇଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୮।୫(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର ଦୁର୍ଯ୍ୟୋଧନ ସ୍ୱାଇଁଙ୍କୁ ତାଙ୍କ ଭାଇ ଅଲେଖ ସ୍ୱାଇଁ ମାଡ଼ ମାରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୨୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ୨ ଭାଇଙ୍କ ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ମଙ୍ଗଳବାର ଜମି ଭାଗ ବଣ୍ଟାକୁ ନେଇ ଦୁର୍ଯ୍ୟୋଧନଙ୍କୁ ଅଲେଖ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ୨ ପରିବାର ମଧ୍ୟରେ ଗଣ୍ଡଗୋଳ

ବଇଣ୍ଡା,୧୮।୫(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ପଞ୍ଚାୟତ ବଡଦାଦର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଥିବା ବେଳେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ପ୍ରଥମେ ତୁଳସୀ ନାୟକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗପତ୍ରରେ ସେ ଦର୍ଶାଇଥିଲେ, ମେଶିନ ଦ୍ୱାରା କାର୍ଯ୍ୟ ଚାଲିଥିବାବେଳେ ତାଙ୍କୁ ଓ ତାଙ୍କ ସ୍ୱାମୀ ରାଉତରା ନାୟକଙ୍କୁ ସେହି ଗ୍ରାମର ଅଲେଖ ନାୟକ, ସୁଭଦ୍ରା ନାୟକ, ଉପେନ୍ଦ୍ର ନାୟକ, ଦମୟନ୍ତୀ ନାୟକ ପ୍ରମୁଖ ମାଡ଼ ମାରିଛନ୍ତି। ପୋଲିସ ନଂ. ୧୨୯/୨୨ରେ ଏକ ମାମଲା ରୁଜୁ କରିଛି। ସେହିପରି ଅଲେଖ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି, ତାଙ୍କୁ ତୁଳସୀ ଓ ତାଙ୍କ ସ୍ୱାମୀ ରାଉତରା ମାଡ଼ ମାରିଛନ୍ତି। ପୋଲିସ ନଂ. ୧୩୦/୨୨ ରେ ଏକ ମାମଲା ରୁଜୁ କରିଛି।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୮।୫(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ବାଇଶିଣା ଗ୍ରାମର ସାବିତ୍ରୀ ମାହାରଙ୍କୁ ସେହି ଗ୍ରାମର ଏକାଦଶୀ ମାହାର ମାଡ଼ ମାରିଥିବା ବୁଧବାର ସାବିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ କିଣିଥିବା ଜାଗାରେ କିଛି ଶାଗୁଆନ ଗଛ ଲାଗିଛି। ହେଲେ ଗଛ ଗୁଡିକରୁ ପତ୍ର ଏକାଦଶୀଙ୍କ ଜାଗାରେ ପଡୁଥିବା ଯୋଗୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଏକାଦଶୀ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୨୭/୨୨ରେ ଏକ ମାମଲା ରୁଜୁ କରିଛି। ସେହିପରି ଏକାଦଶୀ ମଧ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି, ସାବିତ୍ରୀ ଓ ତାଙ୍କ ଝିଅ ତୀର ମାହାର ବିନା କାରଣରେ ତାଙ୍କୁ ମାଡ଼ ମାରିଛନ୍ତି। ପୋଲିସ ନମ୍ବର ୧୨୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

## ଜିଲା ପରିଷଦର ୫୨ତମ ସାଧାରଣ ବୈଠକ



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଅଫିସ,୧୮।୫

ଅନୁଗୋଳ ଜିଲା ପରିଷଦର ୫୨ତମ ସାଧାରଣ ବୈଠକ ବୁଧବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପରିଷଦର ସଭାପତି ବବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ସହିତ ଉତ୍ତମ ସମନ୍ୱୟ ରଖି ନିଜର କର୍ତ୍ତବ୍ୟ ପାଳନ କରିବାକୁ ସଭାପତି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ସାହୁ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ବାଉରୀବନ୍ଧୁ ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ଓ ଜିଲା ପରିଷଦ ଉପ ସଭାପତି ରଶ୍ମିତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନମୂଳକ ଯୋଜନାକୁ ଦାୟିତ୍ୱର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ, ଜଳଜନିତ ସମସ୍ୟା ଥିଲେ ୧୯୧୬ ନମ୍ବର ଜରିଆରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ବିଦ୍ୟାଳୟଗୁଡିକୁ ପଙ୍ଖା ପ୍ରଦାନ ନିମନ୍ତେ କାର୍ଯ୍ୟ ଚାଲୁ ରହିଛି। ରୋଗୀମାନଙ୍କୁ ସୁବିଧା ପ୍ରଦାନ ନିମନ୍ତେ ଅଧିକ ଆମ୍ବୁଲାନ୍ସ ଯୋଗାଇ ଦେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜଳ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସମାଧାନ କରିବାକୁ ଢେଙ୍କାନାଳ ଏମ୍‌ପି ପରାମର୍ଶ ଦେଇଥିଲେ। ପାଉଡିଭୂୟାଁ ଓ ହୋ ସମ୍ପ୍ରଦାୟର ଛାତ୍ରୀଛାତ୍ରମାନଙ୍କ ପାଇଁ କମ୍ୟୁନିଟି ଶିକ୍ଷକ ନିଯୁକ୍ତି ଉପରେ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ଖମାର ଓ କଣିହାଁରେ ପୋଷ୍ଟମର୍ଟମ ସେଣ୍ଟର କରିବା, ଜରପଡା ଓ ଖାରବେଡା ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ପଦବୀ ପୂରଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଗୃହରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଜିଲାରେ ଚଳିତ ମାସ ୧୧ ତାରିଖ ସୁଦ୍ଧା ୧୫, ୮୬୭ଟି ନଳକୂପ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଥିବା ଜିଲା ଜଳ ଓ ପରିମଳ ମିଶନ ନିର୍ବାହୀ ଯନ୍ତ୍ରୀ ବିଭୂତି ରଞ୍ଜନ ପଣ୍ଡା ସୂଚନା ପ୍ରଦାନ କରିଥିଲେ। କୃଷି ଓ କୃଷକର ଉନ୍ନତିକଳ୍ପେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ସହ ଚାଷୀମାନଙ୍କ ଆବଶ୍ୟକତା, ଭିତ୍ତିଭୂମିକୁ ନେଇ ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ନିଜ ନିଜ ଅଞ୍ଚଳରେ ବିଭିନ୍ନ ସରକାରୀ ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ବିଧାୟକମାନେ ଗୃହରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନା ସମ୍ପର୍କିତ ତଥ୍ୟ ବୈଠକରେ ରଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ଓ ଜିଲା ପରିଷଦ ସଦସ୍ୟା ସଦସ୍ୟମାନେ ଯୋଗ ଦେଇଥିଲେ।

# କୃଷିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଅ

ବଇଣ୍ଡା/ ଆଠମଲ୍ଲିକ, ୧୮।୫(ଡି.ଏନ.ଏ.)

ଜୀବନ ବଞ୍ଚାଇବାକୁ ହେଲେ ଖାଦ୍ୟର ଆବଶ୍ୟକତା ରହିଛି। ଚାଷୀ ଦ୍ୱାରା ହିଁ ଏହା ସମ୍ଭବ। ସେମାନଙ୍କ ବିକାଶ କିଭଳି ହେବ ଏନେଇ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ କୃଷି ସାମଗ୍ରୀ ସହ ବୈଜ୍ଞାନିକ ପ୍ରଣାଳୀ ମାଧ୍ୟମରେ ଚାଷ କଲେ ଚାଷୀ ଅଧିକ ଶସ୍ୟ ଅମଳ କରିପାରିବେ। ତେଣୁ କୃଷିର ବିକାଶ ଉପରେ କୃଷକମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ବୁଧବାର ଆଠମଲ୍ଲିକ ଖେଳ ପଡ଼ିଆଠାରେ ଅନୁଷ୍ଠିତ ଉପଖଣ୍ଡ ଜିଲାସ୍ତରୀୟ କୃଷି ମେଳାର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ରଖିଛନ୍ତି।

ଆଠମଲ୍ଲିକ ଜିଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ମୁଖ୍ୟବକ୍ତା ଭାବେ କୃଷି ପରାମର୍ଶଦାତା ମହେଶ୍ୱର ଦେହୁରୀ, ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ନୀଳାଚଳ ସେନାପତି, ଆଠମଲ୍ଲିକ ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ସାହୁ, ସହକାରୀ କୃଷି ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦାସ, କିଶୋରନଗର ବ୍ଲକ କୃଷି ଅଧିକାରୀ ଡିଲେଶ୍ୱର ସାହୁ, କିଶୋରନଗର ସହକାରୀ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ, ଦୀପ୍ତି ସିଂହ, ଉଦ୍ୟାନ କୃଷି ଅଧିକାରୀ ସରାଜ ଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କୃଷି ମେଳାରେ ୧୧ଟି ଷ୍ଟଲ ପଡିଥିଲା। ସେଥିମଧ୍ୟରୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଜୀବନ ଜୀବିକା ମିଶନ/ମିଶନ ଶକ୍ତି, ଆଠମଲ୍ଲିକ ଉତ୍ପାଦନ ସମୂହ, ଓଡ଼ିଶା ମିଲେଟ ମିଶନ, ଓଡ଼ିଶା ରାଜ୍ୟ ବନ ଉନ୍ନୟନ ବିଭାଗ ଆଦି ପକ୍ଷରୁ ଷ୍ଟଲ ଦିଆଯାଇଥିଲା। ୧୦ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର

କଣିହାଁ,୧୮।୫ (ଡି.ଏନ.ଏ.)


ଅଗ୍ନିଶମ କର୍ମଚାରୀମାନେ ମକଡ୍ରିଲ୍ କରୁଛନ୍ତି।

କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ଓଡ଼ିଶା ଜଳ ବିଦ୍ୟୁତ୍ ପ୍ରକଳ୍ପ ସଭାଗୃହଠାରେ କଣିହାଁ ଅଗ୍ନିଶମ ବିଭାଗ ତରଫରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଣିହାଁ ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ରୋହିତ କୁମାର ବେହେରା, ଓଏଚ୍‌ପିସିର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ନିଆଁଲିଭାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଶର୍ଟସର୍କିଟ ଜନିତ ନିଆଁ, ଗ୍ୟାସ୍ ଟାଙ୍କିରେ ନିଆଁ, କୌଣସି ଉଚ୍ଚ ସ୍ଥାନରେ ଫଶି ଯାଇଥିବା ଲୋକଙ୍କୁ ନିରାପଦ ଭାବେ ଉଦ୍ଧାର କରିବା ଆଦି ସମ୍ପର୍କିତ ମକଡ୍ରିଲ କରିଥିଲେ। ଏହି ମକଡ୍ରିଲବେଳେ ଓଏଚ୍‌ପିସିର ଜିଏମ୍ ଗଣେଶରାମ ପଣ୍ଡା, ଏଜିଏମ୍ ଲିଲିମା ଦେବନାଥ, ସୁବ୍ରତ ଷଡ଼ଙ୍ଗୀ (ଡିଜିଏମ୍ ଟେକ୍ନିକାଲ) ପ୍ରମୁଖ ଉପସ୍ଥିତ ଥିଲେ।

# ସୁରକ୍ଷା ସମ୍ପର୍କରେ ଧ୍ୟାନ ଦେବାକୁ ପରାମର୍ଶ

ବଇଣ୍ଡା,୧୮।୫(ଡି.ଏନ.ଏ.)

ଅସାବଧାନତା ଯୋଗୁ ବିଦ୍ୟୁତ୍ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ବହୁ କର୍ମଚାରୀଙ୍କ ଜୀବନ ଚାଲିଯାଉଛି। ତେଣୁ ଏହି ବିପଦପୂର୍ଣ୍ଣ କାମ କରିବା ପୂର୍ବରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷା ସାମଗ୍ରୀ ବ୍ୟବହାର କରିବା ଆବଶ୍ୟକ। ଏଥିସହିତ ନିଜ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଟିପିସିଓଡିଏଲ୍ ବଇଣ୍ଡା ପକ୍ଷରୁ ଅନୁଷ୍ଠିତ ସୁରକ୍ଷା କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ପରାମର୍ଶ ଦେଇଛନ୍ତି। ବଇଣ୍ଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଜେନେରାଲ ମ୍ୟାନେଜର (ସେଫ୍ଟି) ଅମିୟ କୁମାର ବିଷୋୟୀ, ଅନ୍ୟତମ ଅତିଥି ଭାବେ ଅନୁଗୋଳ ନିର୍ବାହୀଯନ୍ତ୍ରୀ ସୁବ୍ରତ କୁମାର ସାହୁ, ବଇଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାର, ପ୍ରଶାନ୍ତଜିତ ଜେନା, ବାମୁର କନିଷ୍ଠଯନ୍ତ୍ରୀ ଲିଙ୍ଗରାଜ ବେହେରା, ଆଠମଲ୍ଲିକ କନିଷ୍ଠଯନ୍ତ୍ରୀ ନରେନ୍ଦ୍ର ମଲିକ, ବଇଣ୍ଡା କଲେଜ ଅଧ୍ୟାପକ ରବିନାରାୟଣ ବେହେରା, ପ୍ରାଧ୍ୟାପକ କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଠମଲ୍ଲିକ ଉପଖଣ୍ଡରେ ବିଦ୍ୟୁତ୍ ବିଭାଗ ଅଧୀନରେ କାମ କରୁଥିବା ସମସ୍ତ କର୍ମଚାରୀ କିଭଳି ନିରାପଦର ସହ କାମ କରିବେ ସେ ସମ୍ପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୭୭ ଜଣ କର୍ମଚାରୀ ଯୋଗ ଦେଇଥିଲେ।


କର୍ମଶାଳାରେ ଯୋଗଦେଇଥିବା ବିଦ୍ୟୁତ୍ କର୍ମଚାରୀମାନେ।


ଅନୁଗୋଳ ସହର ରାସ୍ତାରେ ଲାଗିଥିବା ସିସିଟିଭି କ୍ୟାମେରା ମରାମତି ଚାଲିଛି।

### ବୃଦ୍ଧଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୮।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଯୋଗୀପଥର ଗ୍ରାମର ଲୋକନାଥ ମହାପାତ୍ରଙ୍କୁ ସେହି ଗ୍ରାମର ଲୋଚନ ଦେହୁରୀ ମାଡ଼ ମାରିଥିବା ବୁଧବାର ଥାନାରେ ଲୋକନାଥ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି, ତାଙ୍କ ନାତି ଲୋଚନଙ୍କ କୁକୁରକୁ ପିଟିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଲୋଚନ ଉତକ୍ଷିପ୍ତ ହୋଇ ଲୋକନାଥଙ୍କୁ ମାଡ଼ ମାରିଥିଲେ। ପୋଲିସ ନମ୍ବର ୧୨୬/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବଳାତ୍କାର ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡ

ତାଳଚେର,୧୮।୫(ନି.ପ୍ର.)

୨୦୧୫ ମସିହାରେ କଳିଆରୀ ଥାନା ଅଞ୍ଚଳରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ତାଳଚେର ଅତିରିକ୍ତ ଜିଲା ଦୌରାଜଜ୍ ରବୀନ୍ଦ୍ର କୁମାର ଦାସ ଅଭିଯୁକ୍ତ ବଳରାମ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, ୨୦୧୫ ଏପ୍ରିଲ ୧୯ରେ ଅଭିଯୁକ୍ତ ବଳରାମ ଜଣେ ମହିଳାଙ୍କୁ ସ୍ୱାମୀ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବାର ମିଛ କଥା କହି ସାଙ୍ଗରେ ନେବା ସହ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏଥିସହ ହତ୍ୟା ଉଦ୍ଦେଶ୍ୟରେ ମହିଳାଙ୍କ ମୁହଁକୁ ପଥରେ ଛେଚି ଓ ପ୍ଲାଷ୍ଟିକ ରଶିରେ ବେକକୁ ବାନ୍ଧି ନାଳ ପାଖରେ ପକାଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ କଳିଆରୀ ଥାନାରେ ନଂ. ୧୪୦/ ୨୦୧୫ରେ ମାମଲା ରୁଜୁ ହୋଇଥିଲା। ଏହି ମକଦ୍ଦମାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ନିର୍ମଳ କୁମାର ତ୍ରିପାଠୀ, ଜ୍ୟୋତିପ୍ରକାଶ ମହାପାତ୍ର (କ୍ୟାଡର) ଏବଂ ନରେଶ ଚନ୍ଦ୍ର ନାଏକ ମକଦ୍ଦମା ପରିଚାଳନା କରିଥିଲେ।

# ମହାନଦୀ ସୁରକ୍ଷା ପାଇଁ ଦାବିପତ୍ର

ବଇଣ୍ଡା,୧୮।୫(ଡି.ଏନ.ଏ.)

ମହାନଦୀ ସୁରକ୍ଷା ପାଇଁ ଆଠମଲ୍ଲିକ ନଦୀ ସୁରକ୍ଷା ସମିତି ପକ୍ଷରୁ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ପ୍ରଦାନ କରାଯାଇଛି। ସୁରକ୍ଷା ସମିତିର ଭବାନୀ ଜ୍ୟୋତିଷ ରାୟ, ସଂକୀର୍ତ୍ତନ ମେଣ୍ଡୁଲି, ଅବନୀ କୁମାର ପ୍ରଧାନ, ପ୍ରଦୀପ କୁମାର ଦାସଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଉପଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ବିଭିନ୍ନ ଜିଲା ଦେଇ ପ୍ରବାହିତ ହେଉଥିବା ମହାନଦୀ ବର୍ତ୍ତମାନ ଶୁଖିଲା ପଡିଛି। ଖରାଦିନେ ନଦୀ ଶୁଖିଲା ପଡିଥିବା ଯୋଗୁ ଜଳସ୍ତର କମିଯିବାକୁ ବସିଲାଣି। ଫଳରେ ଏବେ ଓଡ଼ିଶାବାସୀ ମହାନଦୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ମହାନଦୀ ଶୁଖୁଥିବାବେଳେ ମେଗା ଜଳଯୋଗାଣ ବ୍ୟବସ୍ଥାରେ ମଧ ବାଧା ସୃଷ୍ଟି ହେଉଛି। ପଶୁ, ପକ୍ଷୀ ପାଣି ପିଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସରକାର ମହାନଦୀ ସୁରକ୍ଷା ଉପରେ ପଦକ୍ଷେପ ନିଅନ୍ତୁ ବୋଲି ସମିତି ପକ୍ଷରୁ ଦାବି କରାଯାଇଛି।


ପ୍ରତିନିଧି ମଣ୍ଡଳୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଜିଲାର ଉନ୍ନତିରେ ରାଜ୍ୟ ସରକାର ବାଧକ

## ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ

ଅନୁଗୋଳ ଅଫିସ, ୧୮।୫

ଅନୁଗୋଳ ଜିଲାର ଉନ୍ନତିରେ ରାଜ୍ୟ ସରକାର ବାଧକ ସାଜୁଛନ୍ତି। ଜିଲାବାସୀଙ୍କ ହିତ ପାଇଁ ସରକାର କାର୍ଯ୍ୟ କରୁନାହାନ୍ତି। ଏପରି କି ଜଳ, ସ୍ଥଳ ଓ ରେଳପଥ କାର୍ଯ୍ୟରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରୁନାହାନ୍ତି ବୋଲି ବୁଧବାର ଭାଜପାର ରାଣୀଗୁଡ଼ା କାର୍ଯ୍ୟାଳୟରେ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ଦଳ ପକ୍ଷରୁ କୁହାଯାଇଛି, ତାଳଚେର ମେଡିକାଲ କଲେଜ କାର୍ଯ୍ୟକାରୀ କରିବାରେ ସରକାର ୪ ବର୍ଷ ଧରି ପ୍ରତିବନ୍ଧକ ସାଜିଥିଲେ। ପୂର୍ବ ରାଜିନାମା ଅନୁସାରେ ବର୍ତ୍ତମାନ ସରକାର ଏହାର ଦାୟିତ୍ୱ ନେବାକୁ ଘୋଷଣା କରିଛନ୍ତି। ତେବେ ୪ ବର୍ଷ ଧରି ରାଜ୍ୟ ସରକାର କାହିଁକି ଏହି ମେଡିକାଲ କଲେଜ ପ୍ରତି ବୈମାତୃକ ମନୋଭାବ ରଖିଲେ ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଛି। କେନ୍ଦ୍ର ଅନୁଦାନରେ ରାଜ୍ୟ ସରକାର ଚଳୁଥିବାବେଳେ ସ୍ଥାନୀୟ ବିଧାୟକମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଗାଳିଗୁଲଜ କରୁଛନ୍ତି। ଏଥିରୁ ନିବୃତ୍ତ ରହିବା ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି କୁହାଯାଇଛି। ସେହପରି ଥର୍ମାଲ ପାୱାର ପ୍ଲାଣ୍ଟକୁ ନବକଳେବର କରିବାକୁ କେନ୍ଦ୍ର ସରକାର ଚିନ୍ତା କରିଥିବା ବେଳେ ଏନ୍‌ଜିଟି ପ୍ଲାଣ୍ଟ ବନ୍ଦ କରିବାକୁ ରିପୋର୍ଟ ପ୍ରଦାନ କଲେ। କିନ୍ତୁ ରାଜ୍ୟ ସରକାର ନୀରବଦର୍ଶକ ସାଜିଥିଲେ। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ ବାଧକ ହୋଇଛି। ଡେରଜାଙ୍ଗ, ସମଲ, ରେଙ୍ଗାଳି ଜଳଭଣ୍ଡାର ଥିଲେ ମଧ ଏହା ଜିଲାବାସୀଙ୍କ କାର୍ଯ୍ୟରେ ଲାଗୁନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ସହ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ପ୍ରତିମା ମିଶ୍ର, ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

